ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.257 Bhubaneswar Wednesday, December 01, 2021 | ୨୪ତମ ବର୍ଷ ସଂଖ୍ୟା-୨୫୭ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୦୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ଡିସେମ୍ବର ପାଇଁ ଆସିଲା କୋଭିଡ୍ ଗାଇଡ୍ ଲାଇନ୍

## ଜିରୋ ନାଇଟ୍ ସେଲିବ୍ରେସନ୍ ଉପରେ ରୋକ୍ , ଡିସେମ୍ବର ୩୧ , ଜାନୁଆରୀ ୧ ରେ ପିକନିକ୍ ମନା



ଭୁବନେଶ୍ୱର, ୩୦।୧୧(ପି.ଏନ): ଗତବର୍ଷ ଭଳି ଏଥର ମଧ୍ୟ ଫିକା ପଡିବ ଇଂରାଜୀ ନୂଆବର୍ଷ ପାଳନ। ନୂଆ ବର୍ଷରେ କୌଣସି ସ୍ଥାନରେ ଜିରୋ ନାଇଟ୍ ସେଲିବ୍ରେସନ୍ ହୋଇପାରିବ ନାହିଁ। ହୋଟେଲ, ରେଷ୍ଟୁରାଂଟ, ପାର୍କରେ ମଧ୍ୟରାତ୍ରୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ଆୟୋଜନ ହୋଇପାରିବ ନାହିଁ। କୋଭିଡ ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି) ଡିସେମ୍ବର ମାସ ପାଇଁ ଗାଇଡଲାଇନ ଜାରି କରି ଏହି ସୂଚନା ଦେଇଛନ୍ତି।ଏସଆରସିଙ୍କ ଗାଇଡ୍ ଲାଇନ୍ ରେ କୁହାଯାଇଛି ଯେ ନୂଆବର୍ଷକୁ ସ୍ୱାଗତ କରିବାକୁ କୌଣସି କାର୍ଯ୍ୟକ୍ରମର ଆୟୋଜନ ହୋଇପାରିବ ନାହିଁ । ଏହାସହ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖରେ ପିକନିକ୍ କରିବାକୁ ମଧ୍ୟ ସରକାର ବାରଣ କରିଛନ୍ତି। ହୋଟେଲ, ରେଷ୍ଟୁରାଂଟ, ପାର୍କରେ ଏକାଠି ହେବା ମନା ହୋଇଛି । ଡିସେମ୍ବର ୧ରୁ ୧ ଜାନୁଆରୀ୨୦୨୨ ପର୍ଯ୍ୟନ୍ତ କଟକଣା ଲାଗୁ ରହିବ । ରାତି ୧୦ରୁ ସକାଳ ୫ ଯାଏଁ ସହରାଂଚଳ ନାଇଟ କର୍ଫ୍ୟୁ ବଳବତର ରହିବ । ରାଜ୍ୟର କୌଣସି ସ୍ଥାନରେ ସପ୍ତାହନ୍ତ ସଟଡାଉନ ଲାଗୁ ହେବନି । ପ୍ରଦର୍ଶନୀ, ଏକ୍ସପୋ, ମେଳା ଓ ବାଣିଜ୍ୟ ଉପରେ କଟକଣା ଲାଗୁ ହୋଇଛି । ସେହିପରି କ୍ଲବ କନଭେନ୍ସନ ହଲ, କଲ୍ୟାଣ ମଣ୍ଡପରେ ଜନସମାଗମ ମନା ହୋଇଛି ।ତେବେ ଡିସେମ୍ବର ଗାଇଡଲାଇନରେ ବାହାଘରକୁ ନେଇ ସେହି ପୁରୁଣା ନିୟମ ଲାଗୁ ହେବ। ଅର୍ଥାତ ବାହାଘରରେ ୨୫୦ ଜଣ ସାମିଲ ହୋଇପାରିବେ। ଡିସେମ୍ବର ମାସରେ ଅଧିକ ସଂଖ୍ୟକ ବାହାଘର ରହିଛି ।ଆଉ ଏହି ସବୁ ବାହାଘରରେ ସର୍ବାଧିକ ୨୫୦ ଜଣଙ୍କୁ ସାମିଲ ହେବାକୁ ଅନୁମତି ଦେଇଛନ୍ତି ସରକାର। ବରପକ୍ଷ, କନ୍ୟାପକ୍ଷ, ପଣ୍ଡିତ, ବନ୍ଧୁ ବାନ୍ଧବ ଏପରିକି ବାହାଘରରେ ସାମିଲ ହେଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସଂଖ୍ୟା ୨୫୦ରୁ ଅଧିକ ହେବନି। ଏହାବାଦ୍ ବାହାଘର ଶୋଭାଯାତ୍ରାରେ ସର୍ବାଧିକ ୫୦ ଜଣ ସାମିଲ ହୋଇପାରିବେ ।

## ପେନ୍ସନ୍ ଭୋଗୀଙ୍କ ପାଇଁ ଲାଇଫ୍ ସାର୍ଟିଫିକେଟ୍ ଦାଖଲ ସମୟସୀମା ଡିସେମ୍ବର ୩୧କୁ ବୃଦ୍ଧି

ଭୁବନେଶ୍ୱର,୩୦।୧୧(ପି.ଏନ): କୋଭିଡ୍-୧୯ ମହାମାରୀ ଦୃଷ୍ଟିରୁ ପେନ୍ସନ୍ ଭୋଗୀମାନଙ୍କ ବାର୍ଷିକ ଜୀବିତ ପ୍ରମାଣପତ୍ର (ଲାଇଫ୍ ସାର୍ଟିଫିକେଟ୍) ଅବଧିକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇ ଦିଆଯାଇଛି । ଓଡ଼ିଶା ଟ୍ରେଜେରୀ ସଂହିତା ଭଲ୍ୟୁମ୍-୧ର ରୁଲ୍ ୩୧୪ ଅନୁଯାୟୀ ପ୍ରତିବର୍ଷ ପେନ୍ସନ୍ ଭୋଗୀମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଜୀବିତ ପ୍ରମାଣପତ୍ର ଦାଖଲ କରିବାକୁ ପଡ଼ିଥାଏ। ଏହାଛଡ଼ା ସେମାନଙ୍କୁ ବିବାହ କରିନଥିବା, ପୁନର୍ବିବାହ ଓ ଅନ୍ୟତ୍ର ନିୟୋଜନ ସମ୍ବନ୍ଧୀୟ ଘୋଷଣାନାମା ଦେବାକୁ ପଡ଼ିଥାଏ । ରାଜ୍ୟ ସରକାର କୋଭିଡ୍ -୧୯ ମହାମାରୀର ପ୍ରଭାବ ବଳବତର ରହିଥିବା ଦୃଷ୍ଟିରୁ ଏହି ପ୍ରମାଣପତ୍ର ଦାଖଲ ସୀମାକୁ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଘୁଂଚାଇଛନ୍ତି ।

# ଆଜିଠୁ ବିଧାନସଭା

ଭୁବନେଶ୍ୱର, ୩୦।୧୧(ପି.ଏନ): ଆସନ୍ତାକାଲି (ବୁଧବାର)ଠାରୁ ବିଧାନସଭାରେ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ। ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ମୋଟ ୨୬ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଆସନ୍ତାକାଲି ଅପରାହ୍ନ ୫ଟା ସମୟରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଗତ ହେବ। ଅପରପକ୍ଷରେ ରାଜ୍ୟପାଳଙ୍କ ଅଭିଭାଷଣ ଏବଂ ପ୍ରଶ୍ନକାଳ ସମୟରେ ହଟ୍ଟଗୋଳ ନ କରିବା ପାଇଁ ସଭ୍ୟମାନଙ୍କୁ କୁହାଯାଇଛି। ନ ମାନିଲେ ଆଇନ ଅନୁଯାୟୀ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଚାଲିବାକୁ ଥିବା ବିଧାନସଭା ଅଧିବେଶନ ପୂର୍ବରୁ ସମସ୍ତ ବିଧାୟକ , ସେମାନଙ୍କ କର୍ମଚାରୀ , ବିଧାନସଭା କର୍ମଚାରୀ ଓ ସାମ୍ବାଦିକ ମାନଙ୍କର କୋଭିଡ୍ ପରୀକ୍ଷା କରାଯାଇଛି। ସେହିପରି ସୁରକ୍ଷା ଦୃଷ୍ଟିରୁ ବିଧାନସଭା ପରିସରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅଧିବେଶନ ପୂର୍ବରୁ ମଙ୍ଗଳବାର ୩ ପ୍ରମୁଖ ଦଳର ବିଧାୟକ ଦଳ ବୈଠକ ବସି ଦଳର ରଣନୀତି ପ୍ରସ୍ତୁତ କରାଯାଇଛି। ବିରୋଧୀ ଦଳ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା , ମମିତା ମେହେର ହତ୍ୟାକାଣ୍ଡ, ମହିଳା ବିରୋଧୀ ଅପରାଧ ବୃଦ୍ଧି , ମଣ୍ଡି ଅବ୍ୟବସ୍ଥା ଆଦିକୁ ପ୍ରସଙ୍ଗ କରି ସରକାରଙ୍କୁ ଘେରିବେ। ଅପରପକ୍ଷରେ ଶାସକ ଦଳ କେନ୍ଦ୍ରୀୟ ଅବହେଳା ଓ ଦରଦାମ୍ ବୃଦ୍ଧି କୁ ଢାଲ କରିବ। ଏଥର ମଧ୍ୟ ୨ ଟି ପର୍ଯ୍ୟାୟରେ ଦିନକୁ ୫ ଘଂଟା ଗୃହର ବୈଠକ ବସିବ। ଡିସେମ୍ବର ୧ ତାରିଖ ଦିନ ଗୃହର ପ୍ରାରମ୍ଭିକ ଅଧିବେଶନ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହେବ ଏବଂ ଅନ୍ୟ ଦିନରେ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ୩୦ ମିନିଟ୍ ଏବଂ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୃହର ପ୍ରାରମ୍ଭିକ ଦିବସରେ ଶୋକ ପ୍ରସ୍ତାବ ଆଗତ ହେବ ଏବଂ ଗୃହ ସେହି ଦିନ ପାଇଁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଲତବୀ ରହିବ। ଅପରାହ୍ନ ୫ଟା ସମୟରେ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ୍ ଆଗତ ହେବ। ଗୃହରେ ନିୟମିତ ଭାବେ ଉଭୟ ତାରକା ଏବଂ ଅଣତାରକା ଚିହ୍ନିତ ପ୍ରଶ୍ନମାନଙ୍କର ଉତର ରଖାଯିବ । ଠିକ୍ ସେହିଭଳି ଗୃହରେ ମୁଲତବୀ ପ୍ରସ୍ତାବ ମଧ୍ୟ ବିରୋଧୀଦଳ ତରଫରୁ ଆଗତ କରାଯାଇପାରିବ । ମୁଲତବୀ ପ୍ରସ୍ତାବ ୯୦ ମିନିଟ ଆଲୋଚନା ହେବ । ବିରୋଧୀ ୫୫ ମିନିଟ ଓ ମନ୍ତ୍ରୀଙ୍କ ଉତର ସହ ଶାସକ ଦଳ ପାଇଁ ୩୫ ମିନିଟ ରହିବ । ସପ୍ତାହକ ୬ ଦିନ ଭିତରେ ୪ ଦିନ ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ୨ ଦିନ ମୁଲତବୀ ପ୍ରସ୍ତାବ ଦେଇ ପାରିବେ । ସମ୍ପୂର୍ଣ୍ଣ କୋଭିଡ୍ କଟକଣା ମଧ୍ୟରେ ଗୃହ କାର୍ଯ୍ୟ ଚାଲିବ ଏବଂ ପୂର୍ବ ଥର ଭଳି ବିଧାୟକମାନଙ୍କ ପାଇଁ ଆସନ ବ୍ୟବସ୍ଥା ଗ୍ରହଣ କରାଯିବ । ପ୍ରତ୍ୟହ ବିଧାନସଭାକୁ ଭୁବନେଶ୍ୱର ମହାନଗର ନିଗମ ତରଫରୁ ବିଶୋଧନ କରାଯିବ । ଗଣମାଧ୍ୟମ ପ୍ରତିନିଧିମାନେ ବିଧାନସଭା କାର୍ଯ୍ୟକ୍ରମକୁ ବିଧାନସଭା ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ପ୍ରସାରଣ ବ୍ୟବସ୍ଥା କରିପାରିବେ। ଓକାକ୍, ଭୁବନେଶ୍ୱର, ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷ, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ, ବିରୋଧୀ ଦଳ ନେତା ଏବଂ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟ ଏବଂ ଜିଲ୍ଲାପାଳମାନଙ୍କ ଭିଡିଓ ସମ୍ମିଳନୀ କକ୍ଷରେ ଉପସ୍ଥିତ ହୋଇ ସଭ୍ୟମାନେ ଗୃହର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ।

## ଓମିକ୍ରନ୍ ଭାରତରେ ଏଯାଏଁ ଚିହ୍ନଟ ହୋଇନି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୩୦।୧୧(ପି.ଏନ): ଓମିକ୍ରନ୍ ଉପରେ ଆନ୍ତର୍ଜାତିକ ସଂଗଠନ, ବିଶେଷଜ୍ଞ ଟିମ ପରୀକ୍ଷାନିରୀକ୍ଷା ଜାରି ରଖିଛନ୍ତି। ଡେଲ୍ଟା ଭାଇରସ ଯେତେବେଳେ ଆସିଥିଲା, ଏମିତି ଚର୍ଚ୍ଚା ହେଉଥିଲା। ସେହିଭଳି ଏବେ ଓମିକ୍ରନ୍ ମଧ୍ୟ ନୂଆ ଭାରିଆଂଟ ହୋଇ ଆସିଛି। ହେଲେ ଏଯାଏଁ ଭାରତରେ ଏହା ଚିହ୍ନଟ ହୋଇନାହିଁ। ଅଲଗା ଦେଶରୁ ଆସୁଥିବା ଲୋକଙ୍କୁ ଆନ୍ତର୍ଜାତିକ କ୍ୱାରେଂଟିନ ଗାଇଡଲାଇନ ଅନୁସାରେ ଆମ ସରକାର ମଧ୍ୟ ମାର୍ଗଦର୍ଶିକା ଜାରି କରିଛନ୍ତି। ଯେଉଁମାନେ ବିଦେଶରୁ ଆସିବେ, ବିମାନ ବନ୍ଦରରେ ସେମାନଙ୍କର ଟେଷ୍ଟ କରାଯାଉଛି। ସେମାନଙ୍କ ଉପରେ କଡ଼ା ନଜର ରଖାଯାଉଛି। ଯଦି କାହାର ପଜିଟିଭ ଆସିଲା, ସେହି ତଥ୍ୟ ସବୁ ରାଜ୍ୟକୁ ପଠାଯିବ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ସୂଚନା ଦେଇଛନ୍ତି।ଏ ଭୂତାଣୁର ବାସ୍ତବ ସଂଖ୍ୟା କଣ ତାକୁ ଟେକ୍ନିକାଲ କମିଟି ଯାଂଚ କରୁଛି। ବର୍ତମାନ ସୁଦ୍ଧା ଆମ ପାଖରେ ଏହା ଗୁରୁତର ବୋଲି କୌଣସି ତଥ୍ୟ ନାହିଁ। ଏହାର ଲକ୍ଷଣ କିଛି ଅଲଗା ବୋଲି ମଧ ତଥ୍ୟ ନାହିଁ। ଟିକା କାମ ଦେବନି ବୋଲି ମଧ କିଛି ତଥ୍ୟ ନାହିଁ। ଓମିକ୍ରନ ଉପରେ ରାଜ୍ୟରେ ଏବେ ରାଣ୍ଡମ ସିକ୍ୱେନ୍ସି ଚାଲିଛି।

## ଆସୁଛି ବାତ୍ୟା , ୪ ରେ ସ୍ଥଳ ଭାଗ ଛୁଇଁବ ! : ୩ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୩୦।୧୧(ପି.ଏନ): ଓଡିଶାକୁ ଆସୁଛି ବାତ୍ୟା। ବାତ୍ୟା ଡିସେମ୍ବର ୪ ତାରିଖ (ଶନିବାର) ସକାଳେ ବାତ୍ୟା ଦକ୍ଷିଣ ଓଡ଼ିଶା ଓ ଉତର ଆନ୍ଧ୍ର ମଧ୍ୟରେ ସ୍ଥଳଭାଗ ଛୁଇଁବ। ଏହା ପ୍ରଭାବରେ ୩ ତାରିଖ ରାତିରୁ ବର୍ଷା ଆରମ୍ଭ ହୋଇଯିବ ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି। ବାତ୍ୟାର ପ୍ରଭାବ ଉପକୂଳ ଓଡ଼ିଶାରେ ଅଧିକ ରହିବ। ପ୍ରଥମେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ। କାଳକ୍ରମେ ଉତର ଉପକୂଳରେ ବର୍ଷାର ପରିମାଣ ବଢ଼ିବ। ୩ରୁ ୫ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବ। ୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୫ ତାରିଖରେ କିଛି ଜାଗାରେ ପ୍ରବଳ ବର୍ଷା ହୋଇପାରେ।ଆଇଏମ୍‌ଡି ଡିଜି କହିଛନ୍ତି, ଆଜି ପୂର୍ବାହ୍ନରେ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା କାଳକ୍ରମେ ପଶ୍ଚିମ-ଉତର ପଶ୍ଚିମ ଗତିକରି ୨ ତାରିଖରରେ ଡିପ୍ରେସନ ପରିଣତ ହେବ। ୩ ତାରିଖ ରାତିରୁ ଓଡ଼ିଶା ଉପକୂଳରେ ବର୍ଷା ଆରମ୍ଭ ହୋଇଯିବ। ୩ ତାରିଖ ମଧ୍ୟରାତ୍ରରୁ ପବନର ବେଗ ବଢ଼ିବ। ଘଂଟା ପ୍ରତି ୪୫ରୁ ୫୦ କିମି ବେଗରେ ପବନ ହୋଇପାରେ। ୪ ତାରିଖ ସକାଳେ ଦକ୍ଷିଣ ଓଡ଼ିଶା-ଉତର ଆନ୍ଧ୍ର ଉପକୂଳରେ ପହଂଚିବ। ତେବେ ଉପକୂଳରେ ପହଂଚିଲେ ବି ଏହା ତୁରନ୍ତ ସ୍ଥଳଭାଗ ଛୁଇଁ ନପାରେ। ଉପକୂଳ ଛୁଇଁବା ପରେ ବାତ୍ୟା ଉତର-ଉତରପୂର୍ବ ଦିଗକୁ ଗତି କରିବ।ଏହି ବାତ୍ୟା ସର୍ବାଧିକ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମର ରୂପ ନେଇପାରେ ବୋଲି ଆଇଏମ୍‌ଡି ଡିଜି କହିଛନ୍ତି। ତା'ସହିତ ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ଡିସେମ୍ବର ୨ ତାରିଖ ସୁଦ୍ଧା ଫେରି ଆସିବାକୁ ସେ ପରାମର୍ଶ ଦେଇଛନ୍ତି।

# ମମିତା ମେହେର ହତ୍ୟାକାଣ୍ଡ ମାମଲା : ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ବହିଷ୍କାର ନକଲେ ହାଇକୋର୍ଟ ଯିବ କଂଗ୍ରେସ

ଭୁବନେଶ୍ୱର, ୩୦।୧୧(ପି.ଏନ): ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡରେ ପୋଲିସ ଉପଯୁକ୍ତ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପରିବର୍ତେ ସେହି ଘଟଣାରେ ସଂଶ୍ଳିଷ୍ଟ ଓ ପୃଷ୍ଠପୋଷକ ମାନଙ୍କୁ ଖସେଇ ଦେବାପାଇଁ ଷଡଯନ୍ତ୍ର କରୁଛି । ପୋଲିସର ତଦନ୍ତ ନିରପେକ୍ଷ ନୁହେଁ। ସେଥିପାଇଁ ହାଇକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ ଦାବି ସହ ଗୃହରାଷ୍ଟ୍ର ମନ୍ତ୍ରୀଙ୍କ ବହିଷ୍କାର ଦାବି କରାଯାଉଛି। ସରକାର ଯଦି ନ ଶୁଣନ୍ତି ତାହେଲେ ଦଳ ତରଫରୁ ଓଡ଼ିଶାର ହାଇକୋର୍ଟର ମାମଲା ଦାୟର କରାଯିବ ଓ ଓଡ଼ିଶା ହାଇକୋର୍ଟରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ମାମଲା ଦାୟର କରିବେ ବୋଲି ସୂଚନା ଦେଇଛନ୍ତି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର ।ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ପୋଲିସ୍ ଠିକ ତଦନ୍ତ କରୁନାହିଁ। ଯେଉଁ ତଥ୍ୟ ପ୍ରମାଣ ସଂଗ୍ରହ କରି କୋର୍ଟରେ ଦାଖଲ କରିଛି ତାହା ପରସ୍ପର ବିରୋଧି। ଯେଉଁଥିପାଇଁ ଘଟଣାର ହତ୍ୟାକାରୀ ଖସିଯାଇ ପାରେ। ପୁନଶ୍ଚ ଘଟଣା ପଛରେ ଲୁଚି ରହିଥିବା ସେକ୍ସ ରାକେଟ ଓ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗ ଉପରେ ପୋଲିସ ତଦନ୍ତ କରୁନାହିଁ। ତେଣୁ ମମିତା ମେହେରକୁ ନ୍ୟାୟ ମିଳିବ ନା ନାହିଁ ତାହା ସନ୍ଦେହରେ। ଗୃହ ରାଷ୍ଟ୍ରମନ୍ତ୍ରୀ ୨୦୧୪ ରେ ନିର୍ବାଚନ ଲଢ଼ିଲାବେଳେ ସତ୍ୟପାଠ ମାଧ୍ୟମରେ କହିଥିଲେ ତାଙ୍କର ସଂପତି ପରିମାଣ ଦୁଇକୋଟି। ୨୦୧୯ ରେ ସେ ଦର୍ଶାଇଲେ ୮ କୋଟି କିନ୍ତୁ ଆମପାଖରେ ଥିବା ତଥ୍ୟ କହୁଛି ମନ୍ତ୍ରୀ ୭୫ କୋଟି ଟଙ୍କାର ମାଲିକ। ଗୋପାଳପୁର ବିଧାୟକଙ୍କୁ ଜନବିରୋଧି କହି ତାଙ୍କର ବିରୋଧରେ ମାମଲା ପାଇଁ ଲୋକାଯୁକ୍ତଙ୍କୁ ଦିଆଯାଇଥିଲା। ଏ କ୍ଷେତ୍ରରେ ଏହିବ୍ୟକ୍ତି ଜଣଙ୍କ ଏତେ ଅଳ୍ପ ସମୟ ମଧ୍ୟରେ ଏତେ ଅମାପ ସଂପତିର ଅଧିକାରୀ କିପରି ହେଲେ ତାହାର ତଦନ୍ତ ଲୋକାଯୁକ୍ତ ମାଧ୍ୟମରେ କରାଯିବକି ? ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ତାଙ୍କର ସଂପର୍କୀୟ ପ୍ରାୟ ୨୦୦ ଦଳିତ ପରିବାରର ଜମିକୁ ନିଜର ରାଜନୈତିକ ପ୍ରଭାବ ଓ ପତିଆରା ମାଧ୍ୟମରେ ସରକାରୀ ପରିମିଶନ କରି ଶାଗମାଛ ମୂଲରେ କିଣି ନେଇଛନ୍ତି, ବସ୍ତୁତ କଳାହାଣ୍ଡିରେ ଏହି ମନ୍ତ୍ରୀଙ୍କର ଛତ୍ରଛାୟାରେ ଏକ ବିରାଟ ଜମି ହଡ଼ପ ରାକେଟ କାର୍ଯ୍ୟ କରୁଛି। ରାଜ୍ୟ ସରକାର ସ୍ୱତନ୍ତ୍ର ଏହାର ତଦନ୍ତ କରି ଓଡିଶା ଭୁସଂସ୍କାର ଆଇନ ଅନୁଯାୟୀ ସେହି ଜମି ଗୁଡ଼ିକୁ ସଂପୃକ୍ତ ସେହି ଦଳିତ ପରିବାରମାନଙ୍କୁ ଫେରାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦେବେକି ?ଉପବାଚସ୍ପତି ପଦ ଦଳରୁ ଉର୍ଦ୍ଧ୍ୱରେ। କିନ୍ତୁ ଉପବାଚସ୍ପତି ଏକ ସଭାରେ ମୁଖ୍ୟମନ୍ତ୍ରୀଙ୍କ ୪.୫ କୋଟି ଓଡ଼ିଆଙ୍କ ଠାକୁର ବୋଲି କହିଥିଲେ। ଏବଂ ୪.୫ କୋଟି ଓଡ଼ିଆ ଓ ସ୍ୱୟ ଜଗନ୍ନାଥଙ୍କୁ ନିର୍ସତ କ୍ଷମା ପ୍ରାଥାନ କରିବାକୁ ଆମେ ଅନୁରୋଧ କରୁଛୁ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଦେଶ କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ କର ଓ କଳାହାଣ୍ଡି ଜିଲ୍ଲା କଂଗ୍ରେସ ଲିଗାଲ ସେଲ ଅଧ୍ୟକ୍ଷ ପ୍ରକାଶ ହରପାଳ ଉପସ୍ଥିତ ଥିଲେ।

## Accommodation Wanted

Required independent single /double / Triple Storeyed building for Office purpose. IRC Village, NAYAPALLI Location is Prefered Intrested House Owner can contact on the following Number 9437588705 (Mob) Or Email house details, contact number etc on pabitrasamantry@gmail.com

## APPOINTMENT

THE KALINGA CHRONICLE
Popular people's Daily of Odisha
ପର୍ଯ୍ୟବେକ୍ଷକ PARYABEKHYAK
Visit at:- www.pabitramohansamantaray.in

**Paryabekhyak and The Kalinga Chronicle Group need**

1. **DTP Operator & Layout designer** (English and Odiya)
   2-5 years experience in **Photoshop** and **Coreldraw**
2. **Accountant**
   B. Com. with knowledge in latest Tally version
3. **Advertisement Executive**
   2-5 years experience in Sale, Advertisement and Space Marketing
4. **Reporters** in Block, Sub-division & District level
   Minimum Graduate with 2-5 years experiences in fieled reporting
   (Diploma/Degree in Journalism preferred)

Send your bio-data within 15 days on email id:
**paryabekhyak@gmail.com**
**kalingachronicle@gmail.com**
**Whatsapp on: 9853400829**
**Visit at : www.paryabekhyak.com**
**www.thekalingachronicle.com**

**Paryabekhyak Odisha & Kalinga Chronicle TV**

1. **Visual Editor**
   2 to 5 years experience (Premier and FCP)
2. **Word Press**
   Developer-cum-Social Media Manager
   2 to 5 years experience in Managing Odia and English News Website, You tube and Social Media Platform
3. **Business Development Manager** (Sales & Marketing)
   3 to 5 years experience
4. **Bulletin Producer**
   3 to 5 years experience
5. **News Reader/ Content writer/ Anchor**
6. **Reporters at Panchyat/City** (NAC & Muncipality) / Block/ Tahasil / Sub-Division/ District Level)
   2 to 3 years experience in field Reporting
   Diploma/Degree in Digital and Broadcast Journalism Prefered

Mail your resume on
**Paryabekhyak Odisha@gmail.com**
**Kalinga Chronicle TV@gmail.com**
**Whatsapp on: 9437588705**
**Visit at :www.paryabekhyakodisha.in**
**www.kalingachronicletv.in**








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



# ପୁରାଣ କାହାଣୀ

## ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍


ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପଶିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୧

# ସକାରାତ୍ମକ ଓ ନକାରାତ୍ମକ ମାନସିକତା



ଅଦୃଶ୍ୟ ସ୍ରଷ୍ଟାଙ୍କ ସୃଷ୍ଟିରେ ମାନବ ଏକ ଅନବଦ୍ୟ ସୃଷ୍ଟି। ମନୁଷ୍ୟକୁ ଏକ ସୁନ୍ଦର ସ୍ଥୂଳ ଶରୀର ସାଙ୍ଗକୁ ସୂକ୍ଷ୍ମ ଚୈତନ୍ୟ ଶକ୍ତି ପ୍ରଦାନ, ପ୍ରକୃତିର ଏକ ସର୍ବଶ୍ରେଷ୍ଠ ଦାନ। କିନ୍ତୁ ପ୍ରକୃତିଦତ୍ତ ଚରିତ୍ର, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରେ, ଭିନ୍ନ ଭିନ୍ନ ଭାବରେ ପରିପ୍ରକାଶ ହୋଇଥାଏ। କେତେକ ବ୍ୟକ୍ତି, ଦୟା, ପରୋପକାର, ସହାନୁଭୂତି, ମିଷ୍ଟଭାଷୀ, ନିରହଂକାର, ଶାନ୍ତ ଓ ସରଳତା ପରି ଦୈବୀଗୁଣସମ୍ପନ୍ନ ହୋଇଥିବା ସ୍ଥଳେ, ଅନ୍ୟ କେତେକ ବ୍ୟକ୍ତି, କ୍ରୁରତା, ନିଷ୍ଠୁରତା, ଅହଂକାର, ସ୍ୱାର୍ଥପରତା, ଲୋଭ ଓ କୁଟିଳତା ପରି ଆସୁରୀକ ଗୁଣସମ୍ପନ୍ନ ହୋଇଥାଆନ୍ତି। ଅନେକ ବ୍ୟକ୍ତି କିଛି ମିଶ୍ରିତ ଗୁଣ ପ୍ରାପ୍ତ ହୋଇଥା'ନ୍ତି। ଅନେକ ସୁଗୁଣ ଥିବା ବ୍ୟକ୍ତିର କିଛି ଦୁର୍ଗୁଣ ଥାଏ, କିମ୍ବା ଅନେକ ଦୁର୍ଗୁଣ ଥିବା ବ୍ୟକ୍ତିର କିଛି ସୁଗୁଣ ବି ଥାଏ। ମୋଟାମୋଟି ଭାବରେ ସାଧାରଣତଃ ସୁଗୁଣାଧିକାରୀ ବ୍ୟକ୍ତି ସକାରାତ୍ମକ ଓ ଦୁର୍ଗୁଣାଧିକାରୀ ବ୍ୟକ୍ତି ନକାରାତ୍ମକ ମାନସିକତାର ହୋଇଥା'ନ୍ତି। ସକାରାତ୍ମକ ବ୍ୟକ୍ତି ଏବଂ ନକାରାତ୍ମକ ବ୍ୟକ୍ତିମାନଙ୍କର କାର୍ଯ୍ୟଧାରାରେ ସାଧାରଣ ପ୍ରଭେଦ ହେଉଛି-

(୧) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସମସ୍ୟାର, ସରଳ ସମାଧାନ ପାଇଁ ଚେଷ୍ଟା କରେ, କିନ୍ତୁ ନକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ ସହଜ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରେ। ଏହା ମଧ୍ୟ ଏକ ଜନ୍ମଗତ ମାନସିକତା। ଅନେକ ଲୋକ ଅଛନ୍ତି, ତାଙ୍କର ବ୍ୟକ୍ତିଗତ ସମସ୍ୟା ହୋଇ ନଥିଲେ ମଧ୍ୟ, ଅନ୍ୟର ସମସ୍ୟା ଦୃଷ୍ଟିଗୋଚର ହେବାମାତ୍ରେ, ଅଯାଚିତ ଭାବରେ, ସମସ୍ୟାଜଡିତ ବ୍ୟକ୍ତିଙ୍କୁ, ସମାଧାନର ସରଳ ମାର୍ଗ ପ୍ରଦର୍ଶିତ କରିଥାନ୍ତି। କିନ୍ତୁ ଅପରପକ୍ଷରେ, ଅନେକ ନକରାତ୍ମକ ଚିନ୍ତା ଧାରାର ବ୍ୟକ୍ତି , ଅତ୍ୟନ୍ତ ସରଳ ଭାବରେ ସଂଘଟିତ ହେଉଥିବା କାର୍ଯ୍ୟରେ, ନିଜର କୁଟିଳ ବୁଦ୍ଧି ପ୍ରୟୋଗ କରି, ସେଥିରେ ଅନେକ ସମସ୍ୟା ସୃଷ୍ଟି କରନ୍ତି। (୨) ସକାରାତ୍ମକ ବ୍ୟକ୍ତି ସର୍ବଦା କର୍ମଠ



ହୋଇ, ଆତ୍ମକଲ୍ୟାଣ, ସମାଜ ମଙ୍ଗଳ ନିମନ୍ତେ ନୂଆ ନୂଆ କାର୍ଯ୍ୟ ଆରମ୍ଭ କରିଥାନ୍ତି, ମାତ୍ର ନକାରାତ୍ମକ ବ୍ୟକ୍ତି ଆଳସ୍ୟ ଏବଂ ସ୍ୱାର୍ଥପରତାର ବଶବର୍ତୀ ହୋଇ, ନିଜ କାର୍ଯ୍ୟ ବ୍ୟତୀତ, କୌଣସି ଜନହିତକାରୀ ବା ସମାଜ ମଙ୍ଗଳ କାର୍ଯ୍ୟ ନକରିବା ପାଇଁ ବାହାନାର ଆଶ୍ରୟ ନେଇଥାଏ। (୩) ଜଣେ ସକାରାତ୍ମକ ବ୍ୟକ୍ତି, ନିଜ କାର୍ଯ୍ୟ ସାରି, ଅନ୍ୟର କାର୍ଯ୍ୟଭାର ହାଲୁକା କରିଦେବା ନିମନ୍ତେ କହେ,"ମୁଁ ଆପଣଙ୍କ ପାଇଁ ଏ କାମଟିକୁ କରିଦେବି", କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, ନିଜ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକୁ ମଧ୍ୟ କହେ, "ଏହା ମୋର କାମ ନୁହେଁ।" (୪) ସକାରାତ୍ମକ ବ୍ୟକ୍ତି ପ୍ରତ୍ୟେକ କାର୍ଯ୍ୟକୁ ଅନୁଧ୍ୟାନ କରେ ଏବଂ କହେ, "ଏ କାର୍ଯ୍ୟଟି ଜଟିଳ ହେଲେ ମଧ୍ୟ କରିବା ସମ୍ଭବ।" କିନ୍ତୁ ଜଣେ ନକାରାତ୍ମକ ବ୍ୟକ୍ତି, କୌଣସି କାର୍ଯ୍ୟକୁ ଅନୁଧ୍ୟାନ ନକରି କହେ, "କାର୍ଯ୍ୟଟି କରିବା ସମ୍ଭବ, କିନ୍ତୁ ଏହା ଅତ୍ୟନ୍ତ ଜଟିଳ।" (୫) ପ୍ରତ୍ୟେକ ମନୁଷ୍ୟ ଜୀବନକାଳ ମଧ୍ୟରେ ଜାଣତରେ ହେଉ ବା ଅଜାଣତରେ ହେଉ, ଅନେକ ଭୁଲ୍ କାର୍ଯ୍ୟ କରିଥା'ନ୍ତି। ସକାରାତ୍ମକ ବ୍ୟକ୍ତି କିଛି ଭୁଲ୍ କରିଛି ଅନୁଭବ କଲେ, ସାଙ୍ଗେ ସାଙ୍ଗେ ଭୁଲ୍ ସ୍ୱୀକାର କରିନିଏ, ଯଦ୍ଦ୍ୱାରା ଅନେକ ସମସ୍ୟାର ସହଜ ସମାଧାନ ହୋଇଯାଇଥାଏ, କିନ୍ତୁ ନକାରାତ୍ମକ ବ୍ୟକ୍ତି ଭୁଲ କରିଥିଲେ ବି ଦୋଷ ମାନେନାହିଁ, ବରଂ ନିଜେ ଠିକ୍ ବୋଲି ଅଯଥା ଯୁକ୍ତିତର୍କ କରିଥାଏ, ଯଦ୍ଦ୍ୱାରା ଅନେକ ଜଟିଳ ସମସ୍ୟା ସୃଷ୍ଟି ହୋଇଥାଏ। (୬) ସକାରାତ୍ମକ ବ୍ୟକ୍ତି ସର୍ବଦା ନିଜକୁ କାର୍ଯ୍ୟବ୍ୟସ୍ତ ରଖିବାକୁ ଭଲ ପାଆନ୍ତି ଏବଂ କୁହନ୍ତି, "ମୋତେ ଅନେକ କାର୍ଯ୍ୟ କରିବାକୁ ହେବ।" ଅପରପକ୍ଷରେ ନକାରାତ୍ମକ ବ୍ୟକ୍ତି କୌଣସି କାର୍ଯ୍ୟ ନକରି କହେ-"କିଛି କରାଯିବା ଉଚିତ।" (୭) ସମସ୍ତ କାର୍ଯ୍ୟର ଭଲ ଦିଗକୁ ଦେଖିବା ସକାରାତ୍ମକ ବ୍ୟକ୍ତିର ଅଭ୍ୟାସ, କିନ୍ତୁ ସମସ୍ତ କାର୍ଯ୍ୟର ମନ୍ଦ ଦିଗକୁ ଖୋଜି ବାହାର କରିବା ନକାରାତ୍ମକ ବ୍ୟକ୍ତିର ଅଭ୍ୟାସ। (୮) ସକାରାତ୍ମକ ବ୍ୟକ୍ତି ସଦାସର୍ବଦା ଭବିଷ୍ୟତକୁ ଦୃଷ୍ଟିପାତ କରିଥାଏ, ନକାରାତ୍ମକ ବ୍ୟକ୍ତି ସଦାସର୍ବଦା ଅତୀତକୁ ଜାବୁଡି ଧରିଥାଏ। (୯) କୌଣସି କଥା କହିବା ପୂର୍ବରୁ, ସକାରାତ୍ମକ ବ୍ୟକ୍ତି ଗଭୀର ଚିନ୍ତା କରି କଥା କହିଥାଏ, କିନ୍ତୁ କୌଣସି କଥା ନଭାବି, ନକାରାତ୍ମକ ବ୍ୟକ୍ତି କଥା କହିଦିଏ ଏବଂ ପରେ ଚିନ୍ତା କରେ। (୧୦) ନିଜ କର୍ମର ଉତ୍କର୍ଷତାରେ ସକାରାତ୍ମକ ବ୍ୟକ୍ତି, ନିଜର ବ୍ୟକ୍ତି ସାମର୍ଥ୍ୟର ପରିପ୍ରକାଶ କରିଥାଏ, କିନ୍ତୁ ନିଜର ଦକ୍ଷତା ପ୍ରଦର୍ଶନ କରିବାର ଅସାମର୍ଥ୍ୟତା ଯୋଗୁ ପ୍ରଶଂସା ପ୍ରାପ୍ତିରୁ ବଂଚିତ ନକାରାତ୍ମକ ବ୍ୟକ୍ତି, କେବଳ ସଫଳ ବ୍ୟକ୍ତିଙ୍କୁ ଈର୍ଷା ହିଁ କରେ ଏବଂ ତା'ର କୁତ୍ସାରଟନା କରେ।

ଏହି ନକାରାତ୍ମକ ଓ ସକାରାତ୍ମକ ଗୁଣ ଅନେକାଂଶରେ ଜନ୍ମଗତ ହୋଇଥାଏ, କିନ୍ତୁ ସମାଜରେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସଂସ୍ପର୍ଶରେ ମଧ୍ୟ, ସେଥିରେ କିଛି ପରିବର୍ତନ ହୋଇଥାଏ। ନୈତିକ ଶିକ୍ଷା ମଧ୍ୟ ଅନେକଙ୍କ ମାନସିକତାରେ ସକାରାତ୍ମକ ଭାବଧାରା ସୃଷ୍ଟି କରିଥାଏ। ଆଜିକାଲିର ଯାନ୍ତ୍ରିକ ଶିକ୍ଷା କେବଳ ଅର୍ଥ ରୋଜଗାର ପାଇଁ ଉଦ୍ଦିଷ୍ଟ ହୋଇ, ନୈତିକ ଶିକ୍ଷାର ଅବକ୍ଷୟ ଘଟିଥିବାରୁ, ନକାରାତ୍ମକ ବ୍ୟକ୍ତିଙ୍କ ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଏବଂ ସମାଜରେ ବାରମ୍ବାର ଅନେକ ପ୍ରକାର ବିଶୃଙ୍ଖଳା ସୃଷ୍ଟି ହେବାରେ ଲାଗିଛି। ଯଦି ଏହି ପ୍ରକ୍ରିୟା ଜାରି ରହେ, ଆମର ଏହି ଶୃଙ୍ଖଳିତ ସମାଜର ଧ୍ୱଂସ ଅବଶ୍ୟମ୍ଭାବୀ, ଏହା ନିଃସନ୍ଦେହ।

**ପ୍ରଦୀପ୍ତ ଆଚାର୍ଯ୍ୟ**, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ। ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

**ନିଜ ଭିତରେ ଥିବା ଆନନ୍ଦ ଓ ଶାନ୍ତିକୁ ଅନୁସନ୍ଧାନ କର।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# କରୋନା ବନାମ୍ ଆମ ଦୁର୍ବଳ ସ୍ୱାସ୍ଥ୍ୟ ଭିତିଭୂମି !

**ଶରତ କୁମାର ରାଉତ**




ସମ୍ପ୍ରତି ସାରା ପୃଥିବୀରେ କରୋନା ଭୂତାଣୁର ତାଣ୍ଡବ ଜାରୀ ରହିଛି। ଏହାର ସାମ୍ନା କରିବା ପାଇଁ ଆମ ଦେଶ ଓ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ସାରା ଦେଶ ତାଲାବନ୍ଦି ଅବସ୍ଥାରେ ରହିଛି। ଏହାବ୍ୟତୀତ ଆଉ କୌଣସି ବାଟ ନାହିଁ। ଯଦିଓ ଏହା ମହାମାରୀର ରୂପ ନିଏ, ତାହାର ସାମ୍ନା ପାଇଁ ଆମ ଦେଶ ଓ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସକ୍ଷମ ହେବନାହିଁ। ଏଠାରେ ଆମ ରାଜ୍ୟର ସ୍ୱାସ୍ଥ୍ୟ ଭିତିଭୂମି ସଂପର୍କରେ ଆଲୋଚନା କରାଯାଉ। ଆମ ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ଘୋର ଅଭାବ ରହିଛି। ଭିତିଭୂମିର ଅର୍ଥ ଆବଶ୍ୟକୀୟ ଚିକିତ୍ସା ଉପକରଣ, ଆଇସିୟୁ ଭଳି ଅତ୍ୟାଧୁନିକ ଯନ୍ତ୍ରପାତି, ରୋଗୀ ସଂଖ୍ୟାନୁଯାୟୀ ଶଯ୍ୟା, ଲାବୋରେଟୋରୀ, ଔଷଧପତ୍ର, ଡ଼ାକ୍ତରଖାନା ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଉପଜିଲ୍ଲା ଓ ଜିଲ୍ଲା ହସ୍ପିଟାଲ୍‌ମାନଙ୍କରେ ବ୍ଲଡ୍ ବ୍ୟାଙ୍କ୍ ପ୍ରତିଷ୍ଠା, ଜୀବନରକ୍ଷାକାରୀ ଅକ୍ସିଜେନ୍‌ର ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଆଦିଙ୍କୁ ବୁଝାଏ। ଉପରୋକ୍ତ ଭିତିଭୂମିର ବିକାଶ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ପ୍ରଶାସନ ଆଦୌ ଦୃଷ୍ଟି ଦେଉନାହିଁ। ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରୀୟ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ରାଜ୍ୟ ସରକାର ମଧ୍ୟ ଏକାଧିକ ସ୍ୱାସ୍ଥ୍ୟ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଶହଶହ କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି। ହେଲେ ସ୍ୱାସ୍ଥ୍ୟ ସେବାର ସେମିତି କିଛି ଉନ୍ନତି ପରିଲକ୍ଷିତ ହେଉନାହିଁ। ଯୋଜନାଗୁଡ଼ିକ ଚାଲିଛି କିପରି, କେଉଁଠି ଓ କାହାପାଇଁ (?), କେହି କିଛି ଜାଣିପାରୁନାହାଁନ୍ତି। କେବଳ ଜଳଜଳ ଦେଖାଯାଉଛି, ସାରା ରାଜ୍ୟରେ ଭୁଷୁଡ଼ି ପଡ଼ିଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ରୋଗୀମାନେ ଚିକିତ୍ସା ସେବା ନପାଇ ହଇରାଣ ହେଉଛନ୍ତି।

୨୦୦୫ରେ ସ୍ୱାସ୍ଥ୍ୟ ମିସନ୍ କାର୍ଯ୍ୟକାରୀ ହେବା ପରଠାରୁ ରକ୍ତହୀନତା ରୋଗ ଓ ଏଥିଜନିତ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ରାଜ୍ୟରେ ସ୍ୱାସ୍ଥ୍ୟ ମିସନ୍‌ର ଲକ୍ଷ୍ୟ ଫେଲ୍ ମାରିଛି। ସରକାରୀ ଡ଼ାକ୍ତରଖାନା ବାରଣ୍ଡାରେ ଶୋଇ ରୋଗୀମାନେ ଚିକିତ୍ସିତ ହେଉଛନ୍ତି। ଏଠାରେ ସୁବିଧାରେ ରକ୍ତ, ମଳ, ମୂତ୍ର ଆଦି ବିଭିନ୍ନ ପରୀକ୍ଷା ବ୍ୟବସ୍ଥା ଥିଲେ ହେଁ ରୋଗୀଙ୍କୁ ଘରୋଇ ପରୀକ୍ଷାଗାର ଉପରେ ନିର୍ଭର କରିବାକୁ ପଡ଼େ ଓ ସେଠାରେ ସେମାନେ ଶୋଷିତ ହେଉଛନ୍ତି। ଡ଼ାକ୍ତରଖାନାଗୁଡ଼ିକରେ ବହୁମୂଲ୍ୟ ଔଷଧ ମିଳିବା ତ' ଦୂରର କଥା, ସାଲାଇନ୍ ବା ସାଧାରଣ ରୋଗର ବଟିକା ମଧ୍ୟ ରୋଗୀଙ୍କୁ ବାହାରୁ କିଣିବାକୁ ପଡୁଛି। ରାଜ୍ୟ ସରକାର କୋଟିକୋଟି ଟଙ୍କାର ଅନେକ ପ୍ରକାର ଔଷଧ କିଣନ୍ତି। ମାତ୍ର ସେସବୁ ରୋଗୀଙ୍କ ଭାଗରେ ପଡ଼େନି। କିଛି ହରିଲୁଟ୍ ହୁଏ, କିଛି ସମୟସୀମା ଶେଷ ପରେ ବଂଟାଯାଏ ଓ ଆଉ କିଛି ବର୍ଷ ଶେଷ ବେଳକୁ ନଷ୍ଟ କରି ଦିଆଯାଏ। ମୋଟ ଉପରେ ଆମର ଚିକିତ୍ସା ବ୍ୟବସ୍ଥା ଏଭଳି ଢଙ୍ଗରେ ଚାଲିଛି ଯେ, ସରକାରୀ ଚିକିତ୍ସାଳୟ କେବଳ ଲୋକଦେଖାଣିଆ, ହେଲେ ନିର୍ଭର କରିବାକୁ ପଡୁଛି ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ।

ବାସ୍ତବତା ଦେଖାଗଲେ, ରାଜ୍ୟରେ ସ୍ୱାସ୍ଥ୍ୟ ଭିତିଭୂମିର ବିକାଶ ହୋଇପାରିନାହିଁ। କୌଣସି ସମୟରେ ଏନ୍.ଏଚ୍.ଏମ୍ ଯୋଜନା ବନ୍ଦ୍ ହୋଇଗଲେ ଓ ଅନୁଦାନର ମହାନଦୀ ଶୁଖିଗଲେ, ତା'ପରେ ରାଜ୍ୟରେ କି ଅବସ୍ଥା ହେବ ସରକାର ଚିନ୍ତା କଲେଣି କି ? ଆଜି ଯେତିକି ଭିତିଭୂମିର ବିକାଶ ହୋଇଛି, ତାହା ସ୍ୱାସ୍ଥ୍ୟ ମିସନ୍‌ର ଦାନ। ତେବେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟସେବା ପାଇଁ କିଭଳି ଦାନ ରହିଛି, ତାହା ଜାଣିହେଉନାହିଁ। ଶହଶହ କୋଟି ଟଙ୍କାର ଔଷଧ ଓ ଚିକିତ୍ସା ଉପକରଣ କିଣାଯାଉଛି ସିନା, ସେସବୁ ରୋଗୀମାନଙ୍କ ସେବାରେ ଲାଗୁନି। ସେଥିମଧ୍ୟରେ ଅଧିକାଂଶ ଔଷଧ ଓ ଉପକରଣ ଅତି ନିମ୍ନମାନର। ଯଦିଓ ସ୍ୱାସ୍ଥ୍ୟ ବିଭାଗ ଆନ୍ତରିକତାର ସହ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତା, ଏହି ମିସନ୍ ଅର୍ଥରେ ବି ସ୍ୱାସ୍ଥ୍ୟସେବାର ଉନ୍ନତି ହୋଇସାରନ୍ତାଣି। ଆଜି ପର୍ଯ୍ୟନ୍ତ କୌଣସି ପ୍ରକଳ୍ପ, ଆଇନ୍ ଓ ପଦକ୍ଷେପ ଆମ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆଦର୍ଶ କରିପାରିନାହିଁ। ଅଯଥା ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ଅପାରଗତା ଓ ସରକାରୀ ନିୟମ ଉଲଙ୍ଘନ ଯୋଗୁଁ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ସ୍ୱୟଂ ରୋଗଗ୍ରସ୍ତ ହୋଇଯାଇଛି। କାହିଁକି ଚିକିତ୍ସା ସେବାରେ ଉନ୍ନତି ହୋଇପାରୁନି ବା ଆବଶ୍ୟକୀୟ ଭିତିଭୂମିର ବିକାଶ ହେଉନାହିଁ, ସେ ସଂପର୍କରେ କେହି ଭାବୁଛନ୍ତି କି?

"ଇଣ୍ଡିଆନ୍ ପବ୍ଲିକ୍ ହେଲ୍‌ଥ ଷ୍ଟାଣ୍ଡାର୍ଡ୍" (ଆଇପିଏଚ୍ଏସ୍)ର ମାନଦଣ୍ଡ ଅନୁଯାୟୀ ଓଡ଼ିଶାରେ ଭିତିଭୂମିର ସାମାନ୍ୟ ବିକାଶ ହୋଇଥିଲେ ହେଁ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀଙ୍କର ଘୋର ଅଭାବ ରହିଛି। ତେବେ ଡ଼ାକ୍ତର, ନର୍ସ ଓ ଅନ୍ୟାନ୍ୟ ପାରାମେଡ଼ିକ୍ କର୍ମଚାରୀ ଯେ ବାସ୍ତବ ଭିତିଭୂମିର ପ୍ରମୁଖ ଅଙ୍ଗ, ଏହା ହୁଏତ ସ୍ୱାସ୍ଥ୍ୟ ପ୍ରଶାସନର ମୁଣ୍ଡରେ ପଶୁନାହିଁ। ଆଇପିଏଚ୍ଏସ୍ ଅନୁଯାୟୀ ଓଡ଼ିଶାର ଉପସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର ଓ ଜିଲ୍ଲା ସଦରମହକୁମା ଡ଼ାକ୍ତରଖାନାରେ ୧୫୦୧୪ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ୭୨୧୫। ସେହିପରି ରାଜ୍ୟର ୧୨୭୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୩୧ ଗୋଷ୍ଠୀ ସ୍ୱାସ୍ଥ୍ୟାକନ୍ଦ୍ର, ୫୮ ଉପଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ୨୮ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୨୦୧-୩୦୦ ଶଯ୍ୟା) ଓ ୪ ଜିଲ୍ଲା ସଦର ମହକୁମା ଡ଼ାକ୍ତରଖାନା (୩୦୧-୫୦୦ ଶଯ୍ୟା), ବ୍ରହ୍ମପୁର, ବୁର୍ଲା ଓ କଟକ ବଡ଼ ମେଡ଼ିକାଲ୍‌ରେ ୧୪୧୯୨ ଷ୍ଟାଫ୍ ନର୍ସଙ୍କର ନିଯୁକ୍ତି ଆବଶ୍ୟକତା ଥିବାବେଳେ ଏବେ କାର୍ଯ୍ୟରତ ଅଛନ୍ତି ମାତ୍ର ୩୫୨୩। ସେହିପରି ଆଇପିଏଚ୍ଏସ୍ ନିୟମ ଅନୁଯାୟୀ କର୍ମୀ ନିଯୁକ୍ତି ତ' ଭିନ୍ନ କଥା, ହେଲେ ବର୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କର ଯେତିକି ପଦବୀ ରହିଛି, ସେଗୁଡ଼ିକରୁ ଅଧିକାଂଶ ମଧ୍ୟ ଖାଲି ପଡ଼ିଛି। ହେଡ୍ ନର୍ସ, ମ୍ୟାଟ୍ରନ୍, ସହକାରୀ ମ୍ୟାଟ୍ରନ୍, ପିଏଚ୍ଏନ୍, ଡ଼ିପିଏଚ୍ଏନ, ମହିଳା ପରିଦର୍ଶିକା, ଫାର୍ମାସିଷ୍ଟ, ଏଲ୍‌ଟି ଭଳି ବହୁ ପାରାମେଡ଼ିକ୍ କର୍ମୀଙ୍କର ନିଯୁକ୍ତିର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ଡ଼ାକ୍ତର ଅଭାବ ସମସ୍ୟା ଏକ ଜଟିଳ ରୂପ ନେଇଛି। ଏବେ ଓଡ଼ିଶାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୨୫୪୯ ରହିଛି। ଜାତୀୟ ସ୍ତରରେ ରହିଛି। କିନ୍ତୁ କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ମହାରାଷ୍ଟ୍ରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୦୦୦ ରହିଛି। ଦେଶର ସର୍ବୋତମ ସ୍ୱାସ୍ଥ୍ୟସେବା ତାଲିକାରେ ଗୋଆ ରେକର୍ଡ଼ ସୃଷ୍ଟି କରିଛି। ଏଠାରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୪୯୩ ରହିଛି। ଆମ ପଡ଼ୋଶୀ ଆନ୍ଧ୍ରରେ ଏହି ଅନୁପାତ ୧:୧୧୩୦ ରହିଛି। ଏହାର ମୁଖ୍ୟ କାରଣ ହେଲା, ଆନ୍ଧ୍ରରେ ୩୧ଟି ମେଡ଼ିକାଲ୍ କଲେଜ ରହିଛି। ପ୍ରତିବର୍ଷ ଏଠାରୁ ୪୭୫୦ ଡ଼ାକ୍ତର ଉତୀର୍ଣ୍ଣ ହେଉଛନ୍ତି। ମାତ୍ର ଓଡ଼ିଶାରେ ୯ଟି ମେଡ଼ିକାଲ୍ କଲେଜରୁ ପ୍ରତିବର୍ଷ ୯୦୦ ଡ଼ାକ୍ତର ଉତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଛି। ଏ ଦିଗରେ ଆମେ କାହିଁକି ପଛରେ ପଡ଼ିଛୁ, ବ୍ୟାପକ ସମୀକ୍ଷା ହେବା ଉଚିତ। ଆମ ରାଜ୍ୟରେ ଅଧିକ ଡ଼ାକ୍ତର ସୃଷ୍ଟି ହେବା ସହ ଆବଶ୍ୟକୀୟ ପାରାମେଡ଼ିକ୍ କର୍ମୀ ନିଯୁକ୍ତି ପାଇଲେ ହିଁ ବାସ୍ତବ ଭିତିଭୂମିର ବିକାଶ ହୋଇପାରିବ। ଆଜି କରୋନା ଭୂତାଣୁର ତାଣ୍ଡବରୁ ରକ୍ଷା ପାଇଁ ଆମେ ଡ଼ହଳ ବିକଳ ହେଉଛେ। ବାସ୍ତବରେ ଆମର ଯଦିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ଅନୁଯାୟୀ ସ୍ୱାସ୍ଥ୍ୟ ଭିତିଭୂମି ବିକଶିତ ହୋଇଥା'ନ୍ତା ଓ ୧ ହଜାର ଲୋକଙ୍କ ପାଇଁ




ସମାନ ହେବାକୁ ଏଠାରେ ୧୦ ହଜାର ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି। ଜାତୀୟ ସ୍ତରରେ ଡ଼ାକ୍ତର ଓ ରୋଗୀ ଅନୁପାତ ୧:୧୪୫୭ ରହିଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଓଡ଼ିଶାରେ ୧ ହଜାର ଲୋକଙ୍କ ପାଇଁ ଜଣେ ଡ଼ାକ୍ତରଙ୍କର ଆବଶ୍ୟକତା ଜଣେ ଡ଼ାକ୍ତର କାର୍ଯ୍ୟରତ ଥାଆନ୍ତେ, ଆମ ଓଡ଼ିଶା ସହଜରେ କରୋନାକୁ ସାମ୍ନା କରି ପାରିଥା'ନ୍ତା। ଏଥିପ୍ରତି ସରକାର ତୁରନ୍ତ ଯତ୍ନବାନ ହେବା ଉଚିତ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮*

# ଏଚ୍‌ଆଇଭି/ଏଡ୍‌ସଙ୍କ ପାଇଁ ସଂଗ୍ରାମ



ଏ ପର୍ଯ୍ୟନ୍ତ ବିଶ୍ୱରେ ତିନିଗୋଟି ରୋଗର ନିବାରଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ବାହାରିପାରିନାହିଁ। ଏହି ରୋଗଗୁଡିକ ହେଲେ ଏଡ୍‌ସ, ମଧୁମେହ ଏବଂ ଡେଙ୍ଗୁ। ଏମାନଙ୍କ ମଧ୍ୟରେ ଭୟଙ୍କର ଏବଂ ମାରାତ୍ମକ ହେଉଛି ଏଡ୍‌ସ। ଏଡ୍‌ସ ଏକ ଇଂରାଜିରେ ସଂକ୍ଷିପ୍ତ ଆକାର, ଯାହାର ସଂପୂର୍ଣ୍ଣ ନାମ ହେଉଛି- Acquired/Immunodeficiency Syndroms.। ଏହି ରୋଗ ଏକ ଭୂତାଣୁଜନିତ ରୋଗ ଯାହାର ଭୂତାଣୁର ନାମ ଏଚ୍.ଆଇ.ଭି (H.I.V)। ଏହି ଭୂତାଣୁ ଦୁଇ ପ୍ରକାରର। ଏଚ୍.ଆଇ.ଭି-୧ ଏବଂ ଏଚ୍.ଆଇ.ଭି-୨, ଏଚ୍.ଆଇ.ଭିର ସପୂର୍ଣ୍ଣ ନାମ ହେଉଛି- Human immunodeficieny Virus। ଏହି ଭୂତାଣୁ ଅର୍ଥ ମାନବ ଶରୀରରରେ ଅଭାବ ସୃଷ୍ଟିକାରୀ ଭୂତାଣୁ, ଯାହା ମାନବ ଶରୀରରେ ପ୍ରବେଶ କଲେ ଏଡ୍‌ସ ସୃଷ୍ଟି କଲେ। ଏଡସ୍ ମାନେ ହେଉଛି ଅର୍ଜିତ ରୋଗର ପ୍ରତିରୋଧର ଶକ୍ତି ଅଭାବଜନିତ ବିଭିନ୍ନ ଲକ୍ଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୨୦୦୫ ସୁଦ୍ଧା ପୃଥିବୀରେ ୪ କୋଟି ୩୦ ଲକ୍ଷ ଲୋକ ଏହି ଜୀବାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିଲେ। ୧୯୮୧ ଏବଂ ୨୦୦୭ ମଧ୍ୟରେ ପ୍ରାୟ ୨୫ ନିୟୁତ ଲୋକ ପ୍ରାଣ ହରାଇଥିଲେ ଏବଂ ୩୩.୨ ନିୟୁତ ଲୋକ ବିଶ୍ୱରେ ଆକ୍ରାନ୍ତ ହୋଇ ଜୀବନ ବିତାଉଥିଲେ।



ଏହା ବିଶ୍ୱ ଇତିହାସରେ ଏକ ଭୟଙ୍କର ବେମାର। ନାନାପ୍ରକାର ପ୍ରତିଷେଧକ ବ୍ୟବସ୍ଥାର ପ୍ରୟୋଗ ସତ୍ତ୍ୱେ ତଥାପି ୨୦୦୭ ବେଳକୁ ୨ ନିୟୁତ ଲୋକ ଏଥିରେ ଆକ୍ରାନ୍ତ ଥିଲେ, ଯେଉଁମାନଙ୍କ ମଧ୍ୟରେ କେବଳ ଶିଶୁ ଥିଲେ ୨୭୦୦୦୦ ଜଣ। ସଂପ୍ରତି ବିଶ୍ୱରେ ଏହି ସଂଖ୍ୟା ୩୩ ନିୟୁତ ଥିଲାବେଳେ, ଆମ ଭାରତରେ ଏହି ସଂଖ୍ୟା ୨.୫ ନିୟୁତ ଓ ଓଡିଶାରେ ଏହି ସଂଖ୍ୟା ୨୬,୩୦୦ ଅଛି। ଓଡିଶାରେ ଗଂଜାମ ଜିଲ୍ଲାରେ ଆମ ରାଜ୍ୟ ଏଡ୍‌ସ ରୋଗୀ ସଂଖ୍ୟାର ପ୍ରାୟ ୪୦% ବାସ କରନ୍ତି । ଗଂଜାମ ବ୍ୟତୀତ, କଟକ, ଖୋର୍ଦ୍ଧା, ସମ୍ବଲପୁର, କୋରାପୁଟ, ରାୟଗଡା, ପୁରୀ, ବାଲେଶ୍ୱର ଏବଂ ଅନୁଗୁଳ ଜିଲ୍ଲାମାନଙ୍କରେ ଏହି ସଂକ୍ରମିତ ସଂଖ୍ୟା ମଧ୍ୟ କମ୍ ନୁହେଁ। ଏ ପ୍ରକାର ରୋଗ ସମ୍ବନ୍ଧରେ ପ୍ରଥମ ସୂଚନା ୧୯୮୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜର୍ଜିଆ ପ୍ରଦେଶର ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିଲା ଏବଂ ଆମ ଭାରତରେ ୧୯୮୬ ମସିହାରେ ପ୍ରଥମେ ଏହି ସୂଚନା ତାମିଲନାଡୁରୁ ମିଳିଥିଲା। ୧୯୯୨ ମସିହାରେ ପ୍ରଥମ ଏଡ୍‌ସ ରୋଗୀକୁ ଚିହ୍ନଟ କରାଯାଇଥିଲା।

ଏହି ଭୂତାଣୁ ରୋଗୀର ରକ୍ତକୋଷ, ବୀର୍ଯ୍ୟ , ଲୁହ, ଲାଳ, ମା' କ୍ଷୀର ଏବଂ ସ୍ତ୍ରୀମାନଙ୍କ ଜନନେନ୍ଦ୍ରିୟ ଦ୍ୱାରରୁ ବାହାରୁଥିବା ଲାଳରେ ଥାଆନ୍ତି। ଏଣୁ ଏଚ୍‌ଆଇଭି ସଂକ୍ରମଣଜନିତ ରୋଗୀ ସହିତ ସଂପର୍କ ରଖିଲେ ବିଶେଷ କରି ଯୌନସଂପର୍କ ଅଥବା ରକ୍ତସଂପର୍କ ରଖିଲେ, ଜଣଙ୍କଠାରୁ ଏହା ଅନ୍ୟମାନଙ୍କୁ ବାହିତ ହୋଇଥାଏ। ଏହି ସଂକ୍ରମଣର ୫ଟି ମାର୍ଗ ଅଛି। ଶାରୀରିକ ସଂପର୍କ-୧; ଆକ୍ରାନ୍ତ ବ୍ୟକ୍ତିର ରକ୍ତ ସୁସ୍ଥବ୍ୟକ୍ତି ଗ୍ରହଣ କଲେ- ୨; କିମ୍ବା ବ୍ୟବହୃତ ଛୁଂଚି ଯଦି ଅନ୍ୟ କୌଣସି ବ୍ୟକ୍ତିଠାରେ ବ୍ୟବହାର ହୁଏ-୩, ଆକ୍ରାନ୍ତ ଅଂଗ ଅନ୍ୟ କାହାଠାରେ ପ୍ରତିରୋପଣରେ ବ୍ୟବହାର ହୁଏ-୪, ଏବଂ ଗର୍ଭାବସ୍ଥାରେ ଏଚ୍.ଆଇ.ଭି. ଆକ୍ରାନ୍ତ ମା'ଠାରୁ ଶିଶୁକୁ ଏହା ସଂକ୍ରମିତ ହୁଏ । ଆକ୍ରାନ୍ତ ମା'ମାନେ ନିଜ ଛୁଆକୁ କ୍ଷୀର ପାନ କରାଇବା ଦ୍ୱାରା ଏହି ରୋଗ ସଂକ୍ରମିତ ହୁଏ। ଜନ୍ମହେବାର ୧୮ମାସ ଭିତରେ ୩୦% ଶିଶୁ ଏହି ରୋଗରେ ପଡିଥାନ୍ତି। ଏହି ଶିଶୁମାନଙ୍କ ମଧ୍ୟରୁ ଅଧିକାଂଶ ଏକବର୍ଷ ଭିତରେ ଏବଂ ଅନ୍ୟମାନେ ପାଂଚବର୍ଷ ଭିତରେ ମୃତ୍ୟୁବରଣ କରିଥା'ନ୍ତି। ଉପରୋକ୍ତ କାରଣଗୁଡିକୁ ବାଦ୍ ଦେଲେ ଦାରିଦ୍ର୍ୟ, ନିର୍ଯାତନା, ଅନାହାର, ଅସହାୟତା, ସମଲିଂଗ ସଂପର୍କ, ନିଶାସେବନ ଏବଂ ବୈଧବ୍ୟ ଇତ୍ୟାଦି ଏଡ୍‌ସ ରୋଗର ମଧ୍ୟ କାରଣ ଅଟନ୍ତି।

ଏହି ରୋଗର ପରିପ୍ରକାଶ ପାଇଁ ୨ମାସରୁ ୨୦ବର୍ଷ ସମୟ ଲାଗେ। କେତେକ କ୍ଷେତ୍ରରେ ୧୦ ବର୍ଷରେ ଏହାର ଲକ୍ଷଣ ଦେଖାଯାଏ। ଏହି ରୋଗର ଲକ୍ଷଣ ସ୍ୱରୂପ ପ୍ରଥମେ ଜ୍ୱର ହେବା, ମାଂସପେଶୀ ଦରଜ ଲାଗିବା, ଲିମ୍ଫୋଗ୍ଲାଣ୍ଡ ଫୁଲିବା ଇତ୍ୟାଦି ଦେଖାଯାଏ।

ଏହି ରୋଗର ନିରୂପଣ ନିମନ୍ତେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା କରାଯାଏ। ଯଥା- ଏଲିସା ଏବଂ ୱେଷ୍ଟର୍ଣ୍ଣ ବ୍ଲଡ ଟେଷ୍ଟ ସିଡି-ପୋର ଲିମ୍ଫୋସାଇଟ୍ ପରୀକ୍ଷା ହୁଏ। ଏଚ୍.ଆଇ.ଭି. ଆଣ୍ଟିବଡି ଟେଷ୍ଟ ସିଡି-ପୋର ଟେଷ୍ଟର ପରୀକ୍ଷା ଏବଂ ରୋଗର ଲକ୍ଷଣ ଦେଖି ରୋଗକୁ ଚିହ୍ନଟ କରାଯାଇଥାଏ।

ଏହି ରୋଗ ଥରେ ଆକ୍ରାନ୍ତ କଲେ ରକ୍ତରୁ ଏହି ଭୂତାଣୁକୁ ବାହାର କରିବା ଅସମ୍ଭବ। ତେବେ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇପାରିଲେ ଏଚ୍.ଆଇ.ଭି. ସଂକ୍ରମଣରୁ ରୋଗକୁ ରୋକାଯାଇପାରିବ। ନିୟମିତ ଡାକ୍ତରୀ ପରାମର୍ଶ ମାନି ଚଳିଲେ ଏଚ୍.ଆଇ.ଭି.ଗ୍ରସ୍ତ ବ୍ୟକ୍ତି ସାଧାରଣ ଜୀବନଯାପନ କରିବାରେ କୌଣସି ଅସୁବିଧା ନାହିଁ। ଏବେ ଏଡ୍‌ସ ରୋଗୀଙ୍କ ପାଇଁ ଆଣ୍ଟିରେଟ୍ରୋଭିରାଲ ଥେରାପି (ଏଆରଟି) ବ୍ୟବହାର ହେଉଛି। ଏହା ସହିତ ଉତ୍ତମ ଖାଦ୍ୟ ଖାଇବା, ମନକୁ ହାଲ୍‌କା ରଖିବା ତଥା ଭିଟାମିନ ବ୍ୟବହାର କରିବା ଦ୍ୱାରା ରୋଗୀ ତା' ନିଜ ଜୀବନକୁ ଦୀର୍ଘତ୍ୱ କରାଇଥାଏ।

ଗୋଟାଏ ପ୍ରବାଦ ଅଛି ଯେ ରୋଗ ହେବା ପୂର୍ବରୁ ତା'ର ପ୍ରତିଷେଧକ ବ୍ୟସ୍ଥାଟି ସର୍ବୋତ୍ତମ (Prevention is better than Cure)। ଏହା ରୋଗ ଭୂତାଣୁକୁ ଶରୀରକୁ ମଡାଇଦିଏ ନାହିଁ। ଏଥିପାଇଁ କେତୋଟି ପ୍ରତିଷେଧକ ପଦ୍ଧତି ଅଛି। ପ୍ରଥମଟି ହେଲା- ପ୍ରାଇମେରୀ ପ୍ରୋଫାଇଲାକିସିସ୍: ଏହା କିଛି ଟୀକାର ବ୍ୟବସ୍ଥା। ଏହା ସୁଯୋଗ ଖୋଜୁଥିବା ଜୀବାଣୁକୁ ଶରୀର ମଧ୍ୟକୁ ପ୍ରବେଶ କରାଇଦିଏ ନାହିଁ; ଦ୍ୱିତୀୟଟି ହେଲା: ସେକେଣ୍ଡାରୀ ପ୍ରୋଫାଇଲାକିସିସ୍: ଏହା ମଧ୍ୟ ସେହିପ୍ରକାର ଏକ ଚିକିତ୍ସା ବ୍ୟବସ୍ଥା ଏବଂ ତୃତୀୟତଃ ମା' ଗର୍ଭାବସ୍ଥାରେ ଥିଲେ ମା'କୁ ରେଟ୍ରୋଭାଇରାଲ ଆଣ୍ଟି ବାୟୋଟିକ୍ ଦେବା ସହ ପିଲା ଜନ୍ମ ହେଲାପରେ ପିଲାକୁ ଦେବାକୁ ଦରକାର ପଡିଥାଏ।

ଏଡ୍‌ସକୁ ନିୟନ୍ତ୍ରଣ କରିବାରେ ବିଶ୍ୱସ୍ତରରେ, ଆମ ଦେଶରେ ଏବଂ ଏମିତିକି ଆମ ରାଜ୍ୟରେ ବିଭିନ୍ନ ବ୍ୟବସ୍ଥାମାନ ଅଛି। ଏମିତିକି ଆମ ରାଜ୍ୟର ପ୍ରତି ଜିଲ୍ଲାରେ ଏଚ୍.ଆଇ.ଭି. ପରୀକ୍ଷା ନିମନ୍ତେ କେନ୍ଦ୍ର ଖୋଲାଯାଇ ସେଠାରେ ରକ୍ତ ପରୀକ୍ଷାମାନ କରାଯାଏ। ରୋଗ ନିରୂପଣ ହେଲେ ମାଗଣା ଚିକିତ୍ସା ଓ ଔଷଧ ବ୍ୟବସ୍ଥା ଅଛି। ଆକ୍ରାନ୍ତ ବ୍ୟକ୍ତିଙ୍କୁ ସହାୟତା ନିମନ୍ତେ 'ମୋ କୁଡିଆ ଯୋଜନା', 'ମଧୁବାବୁ ପେନ୍‌ସନ୍ ଯୋଜନା' ଏବଂ ସମସ୍ତ ସଂକ୍ରମିତ ବ୍ୟକ୍ତିଙ୍କୁ ଦାରିଦ୍ର୍ୟ ସୀମାରେଖା ତଳେ ରଖି ବି.ପି.ଏଲ. ବା ଅନ୍ତୋଦୟ ଅନ୍ନ ଯୋଜନା, ସାମାଜିକ ନିରାପତ୍ତା ଯୋଜନା ଏବଂ ଚିକିତ୍ସା କେନ୍ଦ୍ରକୁ ଯାତାୟାତ ପାଇଁ ସରକାରୀ ଓ ବେସରକାରୀ ଯାନବାହନରେ ମାଗଣା ଯାତାୟାତ ଯୋଜନାମାନ ଆମ ସରକାର କରିଛନ୍ତି। ସେହିପରି ଆକ୍ରାନ୍ତ ଶିଶୁମାନଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ନିମନ୍ତେ ସମନ୍ୱିତ ଶିଶୁବିକାଶ ଯୋଜନା କରାଯାଇଛି।

ଦୁଃଖ ଯେ ଅନେକ ସଂକ୍ରମିତ ନିଜ ରୋଗକୁ ଲୁଚାଇ ରଖନ୍ତି ପଛେ, ସାମଜିକ ଲଜ୍ଜା ବା ଲାଞ୍ଛନା କାରଣରୁ ଡାକ୍ତରଖାନା ଯାଆନ୍ତି ନାହିଁ କି ଚିକିତ୍ସା କରନ୍ତି ନାହିଁ। ଆମେ ତ ଏମିତି ଏକ ସମାଜରେ ଅଛୁ ଯେ ଏପରି ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ବହୁତ ଘୃଣା କରୁ। ଏମିତିକି ସ୍ପର୍ଶ କରିବାକୁ କୁଣ୍ଠାବୋଧ, ସତେ ଯେମିତି ସେମାନେ କୁଷ୍ଠାକ୍ରାନ୍ତ। 'ନିଜେ ବଂଚିଲେ ଯୁଗ ଦେଖିବା' ନ୍ୟାୟରେ ସଂକ୍ରମିତମାନେ ଚିକିତ୍ସା ପାଇଁ ଆତ୍ମପ୍ରକାଶ କରନ୍ତୁ । ସେହିପରି ଯେଉଁମାନେ ତାଙ୍କୁ ଘୃଣା କରନ୍ତି, ଜାଣନ୍ତୁ ଯେ ଏହା ଡିଆଁ ବା ଛୁଆଁ ରୋଗ ନୁହେଁ। ରୋଗର କାରଣଗୁଡିକ ପ୍ରତି ସଚେତନ ରହିଲେ ସବୁ ଠିକ୍। ଏଡ୍‌ସ ପାଇଁ ଏଡ୍ (ସାହାଯ୍ୟ) ନାହିଁ, ଏ ପ୍ରକାର ଧାରଣା ସଂପୂର୍ଣ୍ଣ ଭୁଲ। ଅନ୍ୟପକ୍ଷରେ ଏଥିପାଇଁ ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରାଇବା ଉଚିତ୍। ରୋଗୀକୁ ସହାନୁଭୂତି ସହ ବଂଚିବାରେ ସହାୟତା କରିବା ଆମର ପରମ କର୍ତ୍ତବ୍ୟ।

ବିଶ୍ୱସ୍ତରରେ ଏଡ୍‌ସ/ଏଚ.ଆଇ.ଭି. ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ନାନା କାର୍ଯ୍ୟକ୍ରମ ରଖାଯାଇଛି ଏବଂ ଏହି ଦିବସଟିକୁ ପାଳନ କରିବା ନିମନ୍ତେ ପ୍ରତିବର୍ଷ ୧ ଡିସେମ୍ବରକୁ ନିଶ୍ଚିତ କରାଯାଇଛି। ବିଶ୍ୱସ୍ତରୀୟ ଏଡ୍‌ସ ଦିବସ ୧ ଡିସେମ୍ବର ୧୯୮୮ଠାରୁ ପାଳିତ ହୋଇଆସୁଅଛି । ଆମେ ତ କେବଳ ଏହାର ଅଂଶୀଦାର ହେବାନାହିଁ, ଅନ୍ୟପକ୍ଷରେ ଆନ୍ତର୍ଜାତିକ, ଜାତୀୟ ଏବଂ ଆମ ରାଜ୍ୟସ୍ତରରେ ଏଡ୍‌ସ ଶୂନ୍ୟ କରିବା ନିମନ୍ତେ ଆସନ୍ତୁ ପ୍ରଯତ୍ନ କରିବା ।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮




# ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ପ୍ରଦାନ ନେଇ ତାଲିମ

ଭୁବନେଶ୍ୱର,(ପି.ଏନ) : ଦୁର୍ଘଟଣା ହେଉ ଅବା ଅନ୍ୟ କୌଣସି ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଆସୁଥିବା ବ୍ୟକ୍ତିଙ୍କୁ ଜରୁରୀକାଳୀନ ଏବଂ ଉତ୍ତମ ଚିକିତ୍ସା ସେବା ପ୍ରଦାନର ଆବଶ୍ୟକତା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଚିକିତ୍ସା ପ୍ରଦାନ କରୁଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ମଧ୍ୟ ବେଶ୍ ମହତ୍ୱପୂର୍ଣ୍ଣ ରହିଥାଏ। ଏନେଇ ଏମ୍ସ ଭୁବନେଶ୍ୱରର ଟ୍ରମା ଏବଂ ଜରୁରୀ ବିଭାଗ ପକ୍ଷରୁ ଏମ୍ସ ଭୁବନେଶ୍ୱରର ଡାକ୍ତର, ନର୍ସିଂ କର୍ମଚାରୀ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି। ବେସିକ୍ ସର୍ଜିକାଲ୍ ସ୍କିଲ୍ ? ଏବଂ ସିଲେଇ କୌଶଳ ସମ୍ପର୍କିତ ଏକ କର୍ମଶାଳାରେ ଡାକ୍ତର ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କୁ ଜରୁରୀ ସେବା ଆବଶ୍ୟକତା କରୁଥିବା ରୋଗୀଙ୍କୁ କିପରି ସଠିକ୍ ସମୟରେ ସର୍ବୋତ୍ତମ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ ସେନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗୁରୁତର ଅବସ୍ଥାରେ ଥିବା ରୋଗୀଙ୍କର ପ୍ଲାଷ୍ଟର କରିବା, ସିଲେଇ କରିବା ଭଳି ଚିକିତ୍ସାସେବା ସହିତ ଅନ୍ୟାନ୍ୟ ବିଭିନ୍ନ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର ରେସିଡେଣ୍ଟ ଡାକ୍ତର, ଇଣ୍ଟର୍ଣ୍ଣ ଏବଂ ସ୍ୱାସ୍ଥ୍ୟକର୍ମୀମାନେ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ। ଜରୁରୀକାଳୀନ ରୋଗୀ ସେବାରେ ନିୟୋଜିତ ପ୍ରାଥମିକ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ଡାକ୍ତରମାନଙ୍କୁ ଏହି କ୍ଷେତ୍ରରେ ଆହୁରି ଅଧିକ ଦକ୍ଷ କରିବା ଏପରି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶଲ୍ୟ ଚିକିତ୍ସା(ଜେନେରାଲ୍ ? ସର୍ଜରୀ) ବିଭାଗର ପ୍ରଫେସର ଏବଂ ଟ୍ରମା ଓ ଜରୁରୀ ବିଭାଗର ମୁଖ୍ୟ ଡ. ତୁଷାର ଏସ୍ ଶ୍ର ପ୍ରକାଶ କରିଛନ୍ତି। ଆଗକୁ ଏପରି ଆହୁରି ଅଧିକ କର୍ମଶାଳାର ଆୟୋଜନ କରାଯିବା ସହିତ ଏମ୍ସ ଭୁବନେଶ୍ୱର ବାହାରୁ ମଧ୍ୟ ସମସ୍ତ ଡାକ୍ତରମାନଙ୍କ ଅଂଶଗ୍ରହଣ ପାଇଁ ବ୍ୟବସ୍ଥା କରାଯିବ ବୋଲି କାର୍ଯ୍ୟକ୍ରମ ସଂଯୋଜକ ତଥା ଟ୍ରମା ଏବଂ ଜରୁରୀ ବିଭାଗର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ସହକାରୀ ପ୍ରଫେସର ଡ. ରିତେଶ ପଣ୍ଡା ସୂଚନା ଦେଇଛନ୍ତି। ଅସ୍ଥିଶଲ୍ୟ (ଅର୍ଥୋପେଡିକ୍ ?) ବିଭାଗର ଡ. ସରୋଜ କୁମାର ପାତ୍ର, ଡ. ପ୍ରକାଶ ସସ୍ ?ମଲ, ଡ. ମନଓ୍ୱର ଅଲ୍ଲୀ, ଡ. ପଙ୍କଜ କୁମାର(ଶଲ୍ୟ ଚିକିତ୍ସା) ପ୍ରଶିକ୍ଷକ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ପ୍ରଥମ ବର୍ଷ ସର୍ଜିକାଲ୍ ଛାତ୍ରଛାତ୍ରୀ ତଥା ଶିକ୍ଷାନବୀସ (ଇଣ୍ଟର୍ଣ୍ଣ)ଙ୍କ ପାଇଁ ଏପରି ବେସିକ୍ କୋର୍ସ ବାଧ୍ୟତାମୂଳକ ହେବା ଉଚିତ୍ ବୋଲି କର୍ମଶାଳାରେ ଅଂଶଗ୍ରହଣ କରିଥିବା ଦ୍ୱିତୀୟ ବର୍ଷ ଛାତ୍ର ଡ.ଉମେଶା ମତବ୍ୟକ୍ତ କରିଛନ୍ତି। ଏପରି କର୍ମଶାଳା ଡାକ୍ତରୀ ଛାତ୍ରଛାତ୍ରୀ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁତର ଅବସ୍ଥାରେ ଥିବା ଜରୁରୀକାଳୀନ ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନରେ ବିଶେଷ ସହାୟକ ହେବ ବୋଲି ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶିକା ଡ. ବି ଗୀତାଞ୍ଜଳୀ ଆଶାପୋଷଣ କରିଛନ୍ତି।



# ସହିଦନଗର ଓଡିଶା ବ୍ୟାଡମିଂଟନ ଏକାଡେମି ପରିଦର୍ଶନ କଲେ ବିଶିଷ୍ଟ ବ୍ୟାଡମିଂଟନ ତାରକା ପି. ଗୋପିଚାନ୍ଦ

ଭୁବନେଶ୍ୱର, (ପି.ଏନ): ବିଶିଷ୍ଟ ବ୍ୟାଡମିଂଟନ ତାରକା ତଥା ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଏବଂ ପଦ୍ମଭୂଷଣ ପୁରସ୍କାରପ୍ରାପ୍ତ ପି. ଗୋପିଚାନ୍ଦ ଆଜି ପୂର୍ବାହ୍ନରେ ସହିଦନଗରସ୍ଥିତ ଓଡିଶା ବ୍ୟାଡମିଂଟନ ଏକାଡେମୀ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ସେ ଏଠାକାର ପ୍ରଶିକ୍ଷାର୍ଥୀ, ବୈଷୟିକ କର୍ମଚାରୀ ଓ କୋଚମାନଙ୍କ ସହ ତାଲିମ ଓ ଅନ୍ୟାନ ବିଷୟରେ ଆଲୋଚନା କରିଥିଲେ। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମାନ୍ୟବର ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଓଡିଶା ବ୍ୟାଡମିଂଟନ ଏକାଡେମିର ନିର୍ଦ୍ଦେଶକ ଶ୍ରୀ କୈଳାଶ ଚନ୍ଦ୍ର ଦାସ ଏଠାରେ ଉପସ୍ଥିତ ରହି ଏକାଡେମୀର ଭିତିଭୂମି ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ଏଠାରେ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । କ୍ରୀଡ଼ାର ବିକାଶ ଓ ଉନ୍ନତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ଏବଂ ଓଡ଼ିଶା ସରକାର ବ୍ୟାଡମିଣ୍ଟନ ତଥା ବିଭିନ୍ନ କ୍ରୀଡ଼ାକୁ ଏତେ ପରିମାଣର ପ୍ରୋତ୍ସାହନ ଦେଉଥିବା ଜାଣି ପି. ଗୋପିଚାନ୍ଦ ବେଶ ଖୁସି ପ୍ରକଟ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କ୍ରୀଡାକୁ ଯେଉଁଭଳି ଭାବେ ପ୍ରୋତ୍ସାହନ ଦେଉଛନ୍ତି ତାହା ଅଭୂତପୂର୍ବ ବୋଲି ସେ କହିଥିଲେ। ରାଜ୍ୟ ତଥା ଦେଶରେ ବ୍ୟାଡମିଂଟନର ବହୁଳ ପ୍ରଚାର ଓ ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ସହ ମିଶି ଯେଉଁ ସବୁ କାର୍ଯ୍ୟକ୍ରମ କରାଯିବ ସେ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ସେ ଆଲୋଚନା କରିଥିଲେ। ଏଥିସହିତ ଆଗକୁ ଯେଉଁ ବଡ ବଡ଼ ପ୍ରତିଯୋଗିତା ଆୟୋଜନ ହେବ ସେ ବିଷୟରେ ମଧ୍ୟ ଗୋପିଚାନ୍ଦ ଅଧିକାରୀ ଓ କୋଚମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ସେ ଏଠାକାର ଜିମ୍ ଓ ହଷ୍ଟେଲ ବୁଲି ଦେଖିବା ସହ ପିଲାଙ୍କ ମନୋବଳ ବୃଦ୍ଧି ପାଇଁ ତାଙ୍କ ଅଭିଜ୍ଞତା ଓ ଅନୁଭୂତି ବାଂଟିଥିଲେ। ଗତକାଲି ଗୋପିଚାନ୍ଦ ଏଠାରେ ପହଂଚି ହକି ମ୍ୟାଚରେ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଆର. ଭିନୀଲ କ୍ରିଷ୍ଣାଙ୍କ ସହ ଏକ ବୈଠକରେ ଯୋଗଦେବା ସହ କଳିଙ୍ଗ ଷ୍ଟାଡିୟମରେ ନିର୍ମାଣଧୀନ ଡାଲମିୟା-ଗୋପିଚାନ୍ଦ ହାଇ ପରଫରମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏହି ସେଣ୍ଟର ରାଜ୍ୟରୁ ନିଶ୍ଚିତ ଭାବେ ବହୁ ଭଲ ଅନ୍ତର୍ଜାତୀୟ ପ୍ରତିଭା ସୃଷ୍ଟି କରିବାରେ ସମର୍ଥ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ।

# କରୋନାର ସମ୍ଭାବ୍ୟ ତୃତୀୟ ଲହର ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ସଚେତନତାର ଭିଡିଓ ବାର୍ତ୍ତା

ଭୁବନେଶ୍ୱର, (ପି.ଏନ): କରୋନାର ନୂଆ ଭାରିଆଂଟର ଭୂତାଣୁ ଓମିକ୍ରନ ପାଇଁ ଭୟଭୀତ ନହୋଇ ଏହି ଭାଇରସକୁ ଧୈର୍ଯ୍ୟର ସହ ମୁକାବିଲା କରିବା ପାଇଁ ଓଡିଶା ସମେତ ଦେଶର ସମସ୍ତ ନାଗରିକଙ୍କୁ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତା ଜରିଆରେ ଅନୁରୋଧ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବା ସହ ସମସ୍ତେ ମାସ୍କ ପିନ୍ଧିବା ଓ ସରକାରଙ୍କ କୋଭିଡ୍ ନିୟମକୁ ପାଳନ କରିବା ପାଇଁ ଶ୍ରୀ ପ୍ରଧାନ ଭାରତବର୍ଷର ନାଗରିକଙ୍କୁ ଅନୁରୋଧ କରିଛନ୍ତି ।ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ସୁଦ୍ଧା ମାନବଜାତି କୋଭିଡ୍ ମହାମାରୀର ପ୍ରକୋପରୁ ନିଜକୁ ସମ୍ଭାଳିଆସିଛି। ଜୀବନଜୀବିକା ସ୍ୱାଭାବିକ ହୋଇଛି କିନ୍ତୁ ଦେଶର ନାଗରିକମାନେ ଏବେ ବି ମହାମାରୀ ସହ ସଂଘର୍ଷ ଜାରି ରଖିଛନ୍ତି। ଏଭଳି ସ୍ଥିତିରେ ବିଶ୍ୱକୁ ନୂଆ ଭାରିଆଂଟ ଓମିକ୍ରନ ଲୋକଙ୍କୁ ଚିନ୍ତାରେ ପକାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଭାରିଆଂଟ ଅଫ୍ କନସନ୍ ତଥା ଚିନ୍ତାଜନକ ଭାରିଆଂଟ ବୋଲି ବିବେଚନା କରିଛି। ତେବେ ଏଥିପାଇଁ ଚିନ୍ତା ଓ ଭୟଭୀତ ହେବାର କୌଣସି ଆବଶ୍ୟକତା ନାହିଁ। ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବରିଷ୍ଠ ଅଧିକାରୀଙ୍କ ସହ ଦେଶରେ କୋଭିଡ୍ ସ୍ଥିତି ଓ ଟିକାକରଣ ନେଇ ସମୀକ୍ଷା କରିଛନ୍ତି। ନୂଆ ଭାରିଆଂଟ ନେଇ ଅଧିକ ସଜାଗ ରହିବାକୁ ଅଧିକାରୀ ମାନଙ୍କୁ ପରାମର୍ଶ ଦିଆଯାଇଛି। ଭାରତ ସରକାର ଏହି ସଂକ୍ରମଣ ଉପରେ ନଜର ରଖିବା ପାଇଁ ମନିଟରିଂ ବୃଦ୍ଧି ପାଇଁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଭାରିଆଂଟ ଓମିକ୍ରନ ସମ୍ବନ୍ଧରେ ସମସ୍ତ ରାଜ୍ୟକୁ ଏକ ଚିଠି ଲେଖି ବିଦେଶୀ ଯାତ୍ରୀମାନଙ୍କ ଉପରେ କଡ଼ା ନଜର ରଖିବାକୁ କୁହାଯାଇଛି। ପରୀକ୍ଷଣ, ହଟସ୍ପଟ୍ ଉପରେ ନଜର, ସ୍ୱାସ୍ଥ୍ୟ ଭିତିଭୂମିରେ ଉନ୍ନତି ଏବଂ କରୋନା ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ବର୍ତମାନ ସୁଦ୍ଧା ଦେଶରେ ୧୨୨ କୋଟି ୩୪ ଲକ୍ଷ ୮୧ ହଜାରରୁ ଉର୍ଦ୍ଧ୍ୱ ଲୋକ ନାଗରିକମାନେ ଟିକାନେଇଥିବା ବେଳେ ଭାରତ ନୂଆ ମାଇଲଖୁଂଟ ଅତିକ୍ରମ କରିଛି। ସେଥିମଧ୍ୟରୁ ୭୮ କୋଟି ୩୩ ଲକ୍ଷ ୩୩ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ଓ ୪୪ କୋଟି ୧ ଲକ୍ଷ ୪୮ ହଜାରରୁ ଉର୍ଦ୍ଧ୍ୱ ଲୋକ ଦ୍ୱିତୀୟ ଡୋଜ୍‌ନେଇସାରିଛନ୍ତି। ଓଡ଼ିଶାରେ ୪ କୋଟି ୩୦ ଲକ୍ଷ ୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ଟିକା ନେଇ ସାରିଛନ୍ତି। ୨କୋଟି ୭୬ ଲକ୍ଷ ୮୩ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ଏବଂ ୧ କୋଟି ୫୩ ଲକ୍ଷ ୨୮ ହଜାରରୁଉର୍ଦ୍ଧ୍ୱ ଲୋକ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି । ଓଡ଼ିଶାରେ ଏବେ ବି ଆମେ କୋଭିଡକୁ ହାଲୁକା ଭାବେନେଇପାରିବା ନାହିଁ। ୨ ହଜାରରୁ ଉର୍ଦ୍ଧ୍ୱ ଲୋକ କୋଭିଡ୍ ସଂକ୍ରମିତ ଅଛନ୍ତି। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେସର୍ବାଧିକ ୧ ହଜାର ୫୭ ଜଣ ସଂକ୍ରମିତ ଅଛନ୍ତି ।ମୋର ପ୍ରଥମ ଅନୁରୋଧ, ଟିକା ନେଇନଥିବା ଲୋକମାନେ ଶୀଘ୍ର ଟିକା ନିଅନ୍ତୁ। ଦେଶରେ ଟିକାର ଅଭାବନାହିଁ । ଭାରତ ସରକାର ରାଜ୍ୟ ମାନଙ୍କୁ ମାଗଣାରେ ପର୍ଯ୍ୟାପ୍ତ ଟିକା ଯୋଗାଇ ଦେଉଛନ୍ତି। ଏବେ ବି ଓଡ଼ିଶାରେ ୭୦ ଲକ୍ଷ ୫୯ ହଜାର ୨୧୫ ଟିକା ମହଜୁଦ୍ ଅଛି। ଜଣେ ଦାୟିତ୍ୱବାନ ନାଗରିକ ଭାବରେ ସମସ୍ତଙ୍କୁ ଟିକା ନେବା ପାଇଁ ପଡ଼ିବ। ଯେଉଁମାନେ ଏବେ ଯାଏଁ ଟିକା ନେଇନାହାନ୍ତି ସେମାନଙ୍କୁ ଟିକା ନେବା ପାଇଁ ପ୍ରୋତ୍ସାହିତ କରିବାକୁ ହେବ। କେନ୍ଦ୍ର ସରକାରଙ୍କ ହର୍ ଘର ଦସ୍ତକ୍ ଅଭିଯାନ ଅର୍ଥାତ୍ ଘର ଘର ବୁଲି ଟିକା ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ପଡ଼ିବ। ତୃତୀୟ ଲହରରୁ ରକ୍ଷା ପାଇବା ପାଇଁ ହେଲେ ରାଜ୍ୟ ସରକାର ମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ତିନୋଟି ଟି- ଟ୍ରେସିଂ, ଟେଷ୍ଟିଂ ଏବଂ ଟ୍ରିଟମେଂଟକୁ ପୁଣି ଥରେ ଗୁରୁତ୍ୱ ଦେବା ପାଇଁ ହେବ। କରୋନା ସହ ଆମର ଲଢ଼େଇ ସୀମିତ ନୁହେଁ । ଏଥିପାଇଁ ଆମକୁ ଲମ୍ବା ସମୟ ପର୍ଯ୍ୟନ୍ତ ଲଢ଼େଇ କରିବାକୁ ପଡ଼ିବ। ତେଣୁ ସମ୍ଭାବ୍ୟ ତୃତୀୟ ଲହର ପାଇଁ ଓଡ଼ିଶା ସରକାର ଓ ଜିଲ୍ଲା ପ୍ରଶାସନକୁ ମଧ୍ୟ ପ୍ରସ୍ତୁତ ରହିବାକୁ ଶ୍ରୀ ପ୍ରଧାନ ନିବେଦନ କରିଛନ୍ତି ।ଦେଶର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଶ୍ରମିକ, ଚାଷୀଭାଇ ତଥା ସମାଜର ସବୁ ବର୍ଗର ଭାଇ ଭଉଣୀ ମାନଙ୍କୁ ଅନୁରୋଧ- ସମସ୍ତେ ମାସ୍କ ପିନ୍ଧିବା, ସମସ୍ତେ କୋଭିଡ୍ ନିୟମକୁ କଡ଼ା କଡ଼ି ଭାବରେ ପାଳନ କରିବା।

# ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ କାମ ତ୍ୱରାନ୍ୱିତ

ଭୁବନେଶ୍ୱର, (ପି.ଏନ): ରାଜ୍ୟବାସୀଙ୍କ ପାଂଚ ଦଶନ୍ଧୀର ଦାବୀକୁ ପୂରଣ କରିବା ତଥା ବହୁ ପ୍ରତିକ୍ଷୀତ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ କାମକୁ ତ୍ୱରାନ୍ୱିତ କରୁଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ମୋଦି ସରକାରଙ୍କ ନେତୃତ୍ୱରେ ଓଡ଼ିଶାରେ ରେଳ ଯୋଗାଯୋଗ ତଥା ସଂଯୋଗୀକରଣରେ ବିକାଶର କାମ ତ୍ୱରାନ୍ୱିତ ହୋଇଛି। ବହୁ ପ୍ରତିକ୍ଷୀତ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ ସୁନାଖଣି ଓ ସମଲ ଷ୍ଟେସନ ମଧ୍ୟରେ ଥିବା ବାରୁଆଁ ପାହାଡ଼ର ୮୪୦ ମିଟର ଲମ୍ବ ସୁଡ଼ଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଁଚିଛି। ୧,୯୨୮ କୋଟି ଖର୍ଚ୍ଚରେ ୧୪୯.୭୮ କିମି ଏହି ରେଳ ଲାଇନ ପ୍ରକଳ୍ପ ଓଡିଶାର ଖଣି ଅଂଚଳରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବ। ରାଉରକେଲା ଓ ତାଳଚେର ମଧ୍ୟରେ ଦୂରତା ହ୍ରାସ ହେବ ଏବଂ ତାଳଚେର ଓ ରାଜ୍ୟର ଅର୍ଥନୀତିକୁ ଗତି ଦେବ। ୧୬.୩୧ କିମିର ସୁନାଖଣି-ସମଲ ଓ ସମଲ- ପରବିଲ୍ ୨ଟି ବ୍ଲକ ସେକ୍ସନକୁ ୨୦୨୧-୨୨ରେ କାର୍ଯ୍ୟକ୍ଷମ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ ରେଳ କାର୍ଯ୍ୟର ବିକାଶକୁ ପ୍ରାଥମିକତା ଦିଆଯାଇଛି। ରାଜ୍ୟବାସୀଙ୍କ ପାଂଚ ଦଶନ୍ଧୀର ଦାବୀକୁ ପୂରଣ କରିବା ଦିଗରେ ସମସ୍ତ ବାଧାବିଘ୍ନକୁ ହଟାଇବା ପାଇଁ ନିରନ୍ତର କାର୍ଯ୍ୟ କରାଯାଉଛି ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି।

# ନୂଆ ଭାରିଏଂଟ ପାଇଁ ସ୍ୱାସ୍ଥ୍ୟ ବିଭାଗର ଗାଇଡ୍ ଲାଇନ୍

ଭୁବନେଶ୍ୱର, (ପି.ଏନ): କରୋନାର ନୂଆ ଭାରିଏଂଟ ଓମିକ୍ରନ ଆତଙ୍କ ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆ ଗାଇଡ୍‌ଲାଇନ୍ ଜାରି ହୋଇଛି। ଦକ୍ଷିଣ ଆଫ୍ରିକା ଭଳି ଦେଶ ଗୁଡିକରେ ନୂଆ ଭାରିଏଂଟ ଚିହ୍ନଟ ହେବା ପରେ ବିଦେଶ ଫେରନ୍ତାଙ୍କ ଉପରେ ନଜର ରହିଛି। ତେଣୁ ଏୟାରପୋର୍ଟ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ଗାଇଡ୍ ଲାଇନ୍‌ରେ କୁହାଯାଇଛି। ଏୟାରପୋର୍ଟ ଦେଇ କୌଣସି ବ୍ୟକ୍ତି ବିଦେଶରୁ ଆସିଲେ ସେମାନଙ୍କ ପାଇଁ କ୍ୱାରେଂଟାଇନ୍ ବାଧ୍ୟତାମୂଳକ ହେବ। ବିଦେଶରୁ ଫେରୁଥିବା ଯାତ୍ରୀଙ୍କ ଟେଷ୍ଟିଂ ଓ ଜେନମ୍ ସିକ୍ୱେନ୍ସିଂ ମଧ୍ୟ କରାଯିବ।

# ମାଲଦା ଠାରେ ଆଶ୍ୱାୟାର ତରଫରୁ ଆନ୍ତର୍ଜାତିୟ ମହିଳା ଦିବସ ପାଳିତ

କେନ୍ଦୁଝର: ଆଜି ବିଶ୍ୱ ମହିଳା ଦିବସ ସାରା ବିଶ୍ୱରେ ପାଳିତ ହେଉଛି । ଯାହାକୁ ପ୍ରଶାସନିକ ସ୍ତର ଠାରୁ ଆରମ୍ଭ କରି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଏହି ଦିବସକୁ ପାଳନ କରିଥାନ୍ତି । ଏପରିକି ଓଡିଶାର ମୁଖ୍ୟମନ୍ତ୍ରୀ ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ମାନ୍ୟତା ମଧ୍ୟ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଶ୍ୱାୟାର ଦ୍ୱାରା ଅରୁଣ କୁମାରଙ୍କ ଅଧ୍ୟକ୍ଷତାରେ ମଲଦା ପଂଚାୟତ ଠାରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ପ୍ରାୟ ୮୦ଜଣ ମହିଳା ସକାଳୁ ସକାଳୁ ପଂଚାୟତର ଅଧକାଂଶ ଜାଗାକୁ ଏକ ରାଲିରେ ବାହାରି ଥିଲେ ଏବଂ ହିଳା ସଶକ୍ତିକରଣ ଉପରେ ନାରା ଦେଇଥିଲେ । ଶେଷରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ମହିଳା ସଶକ୍ତିକରଣ ଓ ମିଶନ ଶକ୍ତି ଉପରେ ଆଲୋଚନା କରାଯାଇଥିଲା । ଶେଷରେ ଆଶ୍ୱାୟାର ତରଫରୁ ଅରୁଣ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାଓ୍ୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି। ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି। ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି। ବେଦାନ୍ତର ଆଲୁମିନିୟମ ଏବଂ ପାଓ୍ୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାଓ୍ୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି। କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ। ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି। ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି। ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ। ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାଓ୍ୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ଓ୍ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି ।ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି ।ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ। କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ। କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ। କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ। ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ। ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ। ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ। ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି। ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି। ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ। ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି। କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି। ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ। ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି। ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ଓ୍ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି। ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି। ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ। ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ। ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ। କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାଓ୍ୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ। ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇିନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା। ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା। ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ। ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି। ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି। ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି। ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ। ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ। ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି। ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ।




# ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପ୍ଲେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୂୟାଁ, ଚୈତନ୍ୟ ଚରଣ ମଲିକ ପ୍ରମୁଖ ଦାବି କରିଛନ୍ତି ।




# ପିପିଲି ଗଣଦୁଷ୍କର୍ମକୁ ପୂରିଲା ୧୦ବର୍ଷ

ଭୁବନେଶ୍ୱର (ପିଏନ୍)- ଆଜିକୁ ୧୦ ବର୍ଷତଳେ ଅର୍ଥାତ ୨୯ ନଭେମ୍ବର ୨୦୧୧ରେ ପିପିଲି ଥାନା ଅ'ର୍ଗତ ଅର୍ଜ୍ଜୁନଗୋଦା ଗ୍ରାମର ଦଳିତ ଝିଅ ବେବିନା ଗଣଦୁଷ୍କର୍ମର ଶିକାର ହୋଇଥିଲେ। ଏହି ବହୁ ଚର୍ଚ୍ଚିତ ତଥା ନିନ୍ଦିତ ଘଟଣାକୁ ୧୦ ବର୍ଷ ବିତିଯାଇଥିଲେ ବି ନା ଅପରାଧିମାନେ ଦଣ୍ଡ ପାଇଛ'ି ନା ସରକାର ବସାଇଥିବା ତଦ' କମିଶନ ରିପୋର୍ଟ ବିଧାନ ସଭାରେ ଆଗତ ହୋଇଛି। ୨୦୧୬ ମାର୍ଚ୍ଚ ୩୦ ତାରିଖ ଦିନ ଘଟଣାର ତଦ' କରୁଥିବା ଜଷ୍ଟିସ ପିକେ ମହା' ତଦ' କମିଶନ ଚୂଡ଼ା' ରିପୋର୍ଟ ଗୃହ ବିଭାଗ ନିକଟରେ ଦାଖଲ କରିଥିଲେ। ଇତି ମଧ୍ୟରେ ରିପୋର୍ଟ ଦାଖଲ ହେବାର



୬ ବର୍ଷ ବିତିଯାଇଥିଲେ ମଧ୍ୟ ମୁଖା ଖୋଲିଯିବା ଭୟରେ ତଦ' ରିପୋର୍ଟକୁ ବିଧାନସଭାରେ ଆଗତ କରୁନାହା' ସରକାର ବୋଲି ମୁଖପାତ୍ର ନିଶିକା' ମିଶ୍ର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛ'ି। ଯେଉଁ ପୋଲିସ ଅଧିକାରମାନଙ୍କ ନିଷ୍କ୍ରିୟତା ଏବଂ ରାଜନେତା ମାନଙ୍କ ହସ୍ତକ୍ଷେପ ଫଳରେ ପୋଲିସ ମାମଲା ରୁଜୁ କରିନଥିଲା କି ଡାକ୍ତର ସଠିକ ଭାବରେ ଚିକିତ୍ସା କରିନଥିଲେ। ରାଜ୍ୟ ମାନବାଧିକାର କମିଶନଙ୍କ ହସ୍ତକ୍ଷେପ ପରେ ଘଟଣା ଘଟିବା ଦେଢ଼ମାସ ପରେ ପୋଲିସ ମାମଲା ରୁଜୁ କରିଥିଲା। ରାଜ୍ୟରେ ବ୍ୟାପକ ଜନ ଅସ'ୋଷକୁ ସହି ନପାରି ଶେଷରେ ସରକାର ବାଧ୍ୟହୋଇ ଦୋଷୀ ଅଧିକାରୀଙ୍କ ବିରୋଧରେ ନିଲମ୍ବନ / ବହିଷ୍କାର ଆଦେଶ ଏବଂ ସେତେବେଳର କୃଷିମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକଙ୍କୁ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେବାକୁ ପଡ଼ିଥିଲା। କି'ୁ ବିଡ଼ମ୍ବନାର ବିଷୟ ଘଟଣା ଘଟିବାର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ପିଡ଼ିତା ପରିବାର ନ୍ୟାୟ ପାଇବାରୁ ବଂଚିତ ଏବଂ ଯେଉଁ ଉଦ୍ଦେଶ୍ୟ ନେଇ ତଦ' କମିଶନ ଗଠନ ହୋଇଥିଲା ବିଶେଷ କରି (୧) କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା (୨) ଏଥିପାଇଁ ଉତରଦାୟୀ କିଏ ଏବଂ (୩) ପୋଲିସ ତାର ସଠିକ କାର୍ଯ୍ୟ ସଂପାଦନ କରିଛି ନା ନାହିଁ। କମିଶନ ଏହି ୩ ଗୋଟି ପ୍ରସଙ୍ଗକୁ ପାଖାପାଖି ୪ବର୍ଷ ସମୟ ନେଇଥିଲେ ଏଥିରେ ୫୦ ଉର୍ଦ୍ଧ୍ୱ ସତ୍ୟପାଠ, ପାଖାପାଖି ୫୦ ଜଣଙ୍କୁ ଜେରା ଏବଂ ୧୦୦ ରୁ ଉର୍ଦ୍ଧ୍ୱ ବୈଠକ ପରେ ୩୦ ମାର୍ଚ୍ଚ ୨୦୧୬ରେ ପାଖାପାଖି ୪୦୦ ଶହ ପୃଷ୍ଠାର ଏକ ରିପୋର୍ଟ ଗୃହ ସଚିବଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ କମିଶନ ତାଙ୍କ ରିପୋର୍ଟ ଦେବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟକୁ ସାର୍ବଜନୀନ ନକରି ମମିତା ଘଟଣାରେ ମହିଳାମାନଙ୍କୁ ନ୍ୟାୟ ଦେବାର ବାରମ୍ବାର ସଫେଇ ଧର୍ମକୁ ଆଖି ମିଟିକା ଛଡ଼ା ଆଉକିଛି ନୁହେଁ ବୋଲି ଶ୍ରୀ ମିଶ୍ର କହିବା ସହିତ ଆସ'। ବିଧାନ ସଭାରେ ତଦ' କମିଶନ ରିପୋର୍ଟ ଉପସ୍ଥାପିତ କରିବା ସହିତ ପିପିଲି ପୀଡ଼ିତାର ବିଚାର କେତେବାଟରେ ପହଂଚିଛି ସରକାର ଉତର ରଖିବା ପାଇଁ କଂଗ୍ରେସ ଦାବି କରିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରନ ଦାଶ, ପ୍ରଶା' ଶତପଥି, ଜ୍ଞାନଦେବ ବେଉରା ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକ ଲକ୍ଷ୍ମୀନାରାୟଣ ପ୍ରସାଦଙ୍କୁ ରାଜ୍ୟପାଳଙ୍କ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ମାଟିର ସୁନାମଧନ୍ୟ ଆଦର୍ଶ ଶିକ୍ଷକ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ପ୍ରସାଦ ଦାସଙ୍କ ଏକାଦଶାହ ଅବସରରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ତାଙ୍କ ପ୍ରତି ଭାବପୂର୍ଣ୍ଣ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହିତ ତାଙ୍କ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ରାଜ୍ୟପାଳ ପୂର୍ବାହ୍ଣରେ କେନ୍ଦ୍ରାପଡ଼ା ସହରର କାକଟସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ପ୍ରଥମେ ଲକ୍ଷ୍ମୀନାରାୟଣ ପ୍ରସାଦ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଏବଂ ଏକ ଭାବପୂର୍ଣ୍ଣ ଭକ୍ତି ସଙ୍ଗୀତ ଗାନ ପୂର୍ବକ ସ୍ୱର୍ଗତଃ ଦାସଙ୍କ ଅମରଆତ୍ମାର ସଦ୍‌ଗତି କାମନା କରିଥିଲେ। ରାଜ୍ୟପାଳଙ୍କ ସହିତ ତାଙ୍କ ସୁପୁତ୍ର ମନିଷ ଅଗ୍ରୱାଲ ମଧ୍ୟ ଅନୁରୂପ ଭାବେ ସ୍ୱର୍ଗତଃ ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୁଷଣ ବେହେରା ଓ ରାଜଭବନର ବରିଷ୍ଠ ଚିକିତ୍ସା ବିଶେଷଜ୍ଞ ଡ଼ା. କୃତ୍ତିବାସ ପରିଡ଼ା ମଧ୍ୟ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ପରେ ରାଜ୍ୟପାଳ ଓ ତାଙ୍କ ସୁପୁତ୍ର ଦୀର୍ଘ ସମୟ ଧରି ଶୋକସନ୍ତପ୍ତ ପରିବାରର ସଦସ୍ୟମାନଙ୍କ ସହିତ ଭାବବିନିମୟ ପୂର୍ବକ ସମବେଦନା ଜଣାଇ ଥିଲେ। ଶେଷରେ ରାଜ୍ୟପାଳଙ୍କୁ ସ୍ୱର୍ଗତଃ ଲକ୍ଷ୍ମୀନାରାୟଣ ପ୍ରସାଦଙ୍କ ତିନିପୁଅ ଶାରଦା ପ୍ରସାଦ ଦାସ, ଇଂ. ଭାଗବତ ପ୍ରସାଦ ଦାସ ଓ ଅମ୍ବିକା ପ୍ରସାଦ ଦାସଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟମାନେ କୃତଜ୍ଞତା ଜଣାଇଥିଲେ।

## ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଙ୍ଘର ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ୨୦୧୪ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାଇ ବିଭିନ୍ନ କଲେଜରେ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀମାନେ ସେମାନଙ୍କ ଦାୟୀତ୍ୱ ଓ କର୍ତ୍ତବ୍ୟ ସଠିକ ଭାବରେ ସମ୍ପାଦନ କରିଆସୁଛନ୍ତି। ଶିକ୍ଷାର ସାମଗ୍ରୀକ



ଉନ୍ନତି ପାଇଁ ସେମାନଙ୍କୁ ସରକାରୀ ଅନୁଦାନ ନିୟମର ଅନ୍ତର୍ଭୁକ୍ତ କରାଯାଇ ଅନୁଦାନ ପ୍ରଦାନ କରାଯିବାକୁ ସଙ୍ଘ ନିବେଦନ କରିଛି। ୨୦୦୮ମସିହା ଠାରୁ ନିଯୁକ୍ତି ପାଇଆସିଥିବା ବେସରକାରୀ କଲେଜର ଅଧ୍ୟାପକ ଓ କର୍ମଚାରୀମାନଙ୍କ ଭବିଷ୍ୟତ ଓ ସେମାନଙ୍କ ପରିବାର ପାଇଁ ସହୃଦୟତାର ସହ ବିଚାର କରାଯାଇ ସେମାନଙ୍କୁ ଅନୁଦାନ ପ୍ରଦାନ ନିମନ୍ତେ ସରକାର ଏକ ନୀତି ପ୍ରଣୟନ କରାଯିବାକୁ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ସଙ୍ଘ ପକ୍ଷରୁ ଅଧ୍ୟାପକ ପ୍ରଭାସ ଚନ୍ଦ୍ର ଜେନା, ବାପୁଜି ମଣ୍ଡଳ, ଶୁଭଶ୍ରୀ ପ୍ରଜ୍ଞାପ୍ରଭା ଷଡଙ୍ଗୀ, ଜାହ୍ନବୀ ପ୍ରିୟମ୍ବଦା ମହାନ୍ତି, ପ୍ରିତିପ୍ରଜ୍ଞା ସାମଲ, ଚିନ୍ମୟୀ ନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ ବିପ୍ଲବୀ ଆନନ୍ଦ ଜେନା ସ୍ମୃତି କମିଟି ପକ୍ଷରୁ ସ୍ୱାଗତ

କେନ୍ଦ୍ରାପଡା (ପିଏନ୍): ବିପ୍ଲବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ପକ୍ଷରୁ କେନ୍ଦ୍ରାପଡାରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ସ୍ୱାଗତ କରାଯାଇଛି। ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ସ୍ମୃତି କମିଟି ସଂପାଦକ ରମଣୀ ରଞ୍ଜନ ରାଉତରାୟ, ଆଇନଜୀବୀ ସଂଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାସ , ଅକ୍ଷୟପ୍ରିୟ ଦାସ, ସତ୍ୟବ୍ରତ ସିଂ, ସତ୍ୟପ୍ରିୟ ଦାସ, ରମାକାନ୍ତ ସ୍ବାଇଁ, ଅରୁଣ ପ୍ରସାଦ ଦାସ, ନିରଞ୍ଜନ ବଳ, ହାଡିବନ୍ଧୁ ସିଂ, ସ୍ମୃତି ରଂଜନ ସିଂ, ସୁବାଷ ମିଶ୍ର, ବ୍ରଜ ସୁନ୍ଦର ରାଉତ, ମାନସ ରଂଜନ ଧଳ, ଶେଷଦେବ ଦାସ, ଇତିହାସ ଲେଙ୍କା, କିଶୋର ଚନ୍ଦ୍ର ପ୍ରଧାନ,ଅଫସର ଅଲ୍ଲୀ ବକ୍ସ, ଦୀପକ କୁମାର ପ୍ରଧାନ ପ୍ରମୁଖ ଭେଟି ଉତରୀୟ, ପୁଷ୍ପଗୁଚ୍ଛ ଓ ବିପ୍ଲବୀଙ୍କ ଜୀବନୀ ପୁସ୍ତକ ପ୍ରଦାନ କରି ସ୍ୱାଗତ କରିବା ସହିତ ଜଣେ ଦକ୍ଷ ଅଧିକାରୀ ଭାବେ କେନ୍ଦ୍ରାପଡାର ବିକାଶ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଥିଲେ।

## ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜର ମାସିକ ଆଲୋଚନାଚକ୍ର



ଭୁବନେଶ୍ୱର (ପିଏନ୍): ଭାବପ୍ରକାଶର ଯେ କୌଣସି ମାଧ୍ୟମକୁ ସାହିତ୍ୟ କୁହାଯାଇପାରିବ। ପିଲାଠୁଁ ବୁଢ଼ା ସମସ୍ତେ ନିଜ ଜାଣତରେ ହେଉ କି ଅଜାଣତରେ ପ୍ରତିଦିନ କିଛି ନା କିଛି ସାହିତ୍ୟ ସୃଷ୍ଟି କରୁଛନ୍ତି। ତେଣୁ ସେହିଭଳି ସାହିତ୍ୟକୁ ଲୋକଲୋଚନକୁ ଆଣିବାର ପ୍ରୟାସ ହେଉ ବୋଲି ବିଶିଷ୍ଟ ଔପନ୍ୟାସିକ ଡ. ପଦ୍ମଜ ପାଳ ମତ ଦେଇଛନ୍ତି। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ବକ୍ସି ଜଗବଂଧୁ ନଗର ଗାୟତ୍ରୀ ଶକ୍ତିପୀଠ ପରିସରରେ ସଭାପତି ଡ. ସୁରେଶ ଛୋଟରାୟଙ୍କ ସଭାପତିତ୍ୱରେ ଓ ସଂପାଦକ ଜ୍ଞାନରଂଜନ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ କଳା, ସାହିତ୍ୟ, ସଂସ୍କୃତି ସହ ସାଧାରଣ ଲୋକଙ୍କୁ ଯୋଡ଼ିବାର ପ୍ରୟାସ କରାଯାଇଛି। ଏହି ଅବସରରେ ପ୍ରଭୁପାଦ ମ୍ୟୁଜିକ୍ ପକ୍ଷରୁ ପ୍ରସ୍ତୁତ ଗୀତିକାର ତ୍ରିଲୋଚନ ଦାସ ଓ ନିଶିକାନ୍ତ କହଲସିଂହଙ୍କ ଦୁଇଟି ଗୀତ କ୍ୟାସେଟ୍ 'ସ୍ୱପ୍ନ ନାୟିକା', 'ମେଘ ତଳେ ଲୁଚିକି ଅବା ଦେଖୁଛ' ଲୋକାର୍ପିତ ହୋଇଥିଲା। ସସ୍ମିତା ମିଶ୍ରଙ୍କ କଣ୍ଠରେ ପ୍ରସ୍ତୁତ ଏହି କ୍ୟାସେଟରେ ସଂଗୀତ ନିର୍ଦ୍ଦେଶନା ବସନ୍ତ ଦାସ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗଦେଇ କହିଥିଲେ ଯେ, ରାଜାରାଜୁଡ଼ା ସମୟରେ କବି, ସାହିତ୍ୟିକମାନଙ୍କୁ ରାଜାଙ୍କ ପକ୍ଷରୁ ବିଶେଷ ପ୍ରୋତ୍ସାହନ ମିଳୁଥିଲା। ବର୍ତମାନ ସମୟରେ ସେଭଳି ପ୍ରୋତ୍ସାହନ ସରକାରଙ୍କ ପକ୍ଷରୁ ମିଳୁନାହିଁ। ଲବିରେ ପୁରସ୍କାର ମିଳୁଛି, ରାଜା ରାମ ମୋହନ ରାୟ ପାଠାଗାର ଯୋଜନାରେ ଧରାଧରିରେ ବହି ଚୟନ ହେଉଛି। ସାହିତ୍ୟରେ ବେପାର ଚାଲିଛି। ବଣମଲ୍ଲୀ ବଣରେ ଝଡ଼ିପଡୁଛି। ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ସମ୍ବନ୍ଧୀୟ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ସହ ସାହିତ୍ୟର ବଣମଲ୍ଲୀମାନଙ୍କୁ ଲୋକଲୋଚନକୁ ଆଣିବାର ପ୍ରୟାସ କରାଯିବ ବୋଲି ସେ ମତ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଗାଳ୍ପିକ ସୁନୀଲ ବୋଷ କହିଥିଲେ ଯେ, ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚିବା ଆବଶ୍ୟକ। ଏଥିପାଇଁ ଖବରକାଗଜର ବିଶେଷ ଭୂମିକା ରହିଛି। ତାରକା ହୋଟେଲ ସାହିତ୍ୟ କେବଳ ନିର୍ଦ୍ଦିଷ୍ଟ ବର୍ଗର ସାହିତ୍ୟିକମାନଙ୍କ ଖୁସିବାସି ପାଇଁ ଉଦ୍ଦିଷ୍ଟ। ଅନ୍ୟତମ ବକ୍ତା ଗାଳ୍ପିକ ସମରେନ୍ଦ୍ର ବଳିଆରସିଂହ କହିଥିଲେ ଯେ, ବର୍ତମାନ ସମୟରେ ପିଲାଙ୍କୁ ସ୍ମାର୍ଟଫୋନରୁ ମୁକୁଳାଇ ବହିମନସ୍କ ନ କରିପାରିଲେ ଏହା ଆଗକୁ ବଡ଼ ସଂକଟ ସୃଷ୍ଟି କରିବ। ଛୋଟ ଘଟଣାରୁ ବଡ଼ ଆକାରରେ ଉପସ୍ଥାପିତ କରାଇପାରିବା ଏବଂ ବଡ଼ ଘଟଣାକୁ ଛୋଟ ଆକାରରେ ଉପସ୍ଥାପିତ କରିବା ହେଉଛି ସାହିତ୍ୟର ଆଉ ଏକ ବିଭବ ବୋଲି ସେ ମତବ୍ୟକ୍ତ କରିଥିଲେ। ବର୍ତମାନ ସମୟରେ ସମାଜର ଅନ୍ୟାୟ, ଅନୀତି, ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହିତ୍ୟିକମାନେ ଆଗଭର ହେବା ପାଇଁ ଶ୍ରୀ ବଳିଆରସିଂହ ଆହ୍ୱାନ ଦେଇଥିଲେ। ସର୍ବଶ୍ରୀ ଦିବ୍ୟଲୋଚନ ଭାରିମଲ୍ଲ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ପିଲାମାନଙ୍କର ସୃଜନଶୀଳତାର ବିକାଶ ପାଇଁ କେତେକ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ବିଦ୍ୟାଳୟସ୍ତରୀୟ ପ୍ରତିଭାମାନଙ୍କୁ ଉତ୍ସାହିତ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ପ୍ରଥମ ଥର ପାଇଁ ତୃତୀୟ ଶ୍ରେଣୀର ଛାତ୍ର ସଂଭବ ଓ ଶ୍ରେୟସଙ୍କୁ ଏଥିରେ ସାମିଲ କରାଯାଇଥିଲା। ଆଗକୁ ସ୍କୁଲ ପିଲାଙ୍କ ମଧ୍ୟରେ ଗଳ୍ପ କଥନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସଂପାଦକ ଜ୍ଞାନରଂଜନ ଦାଶ ଘୋଷଣା କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ୧୭ନମ୍ବର ୱାର୍ଡ ସଂରକ୍ଷଣକୁ ବଦଳାଇବା ପାଇଁ ଆବେଦନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ପୌରସଂସ୍ଥା ଅନ୍ତର୍ଗତ ୧୭ନମ୍ବର ୱାର୍ଡର ଅଧିବାସୀମାନେ ଅଭିଯୋଗ କରିଛନ୍ତି ଯେ ଗତ ୯ତାରିଖରେ ପ୍ରଶାସନ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାଇ ସେହି ୱାର୍ଡଟି ପଛୁଆ ବର୍ଗ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। କିନ୍ତୁ ସେହି ୱାର୍ଡଟିରେ ଶତ ପ୍ରତିଶତ ଅନୁସୂଚିତ ଜାତି ବର୍ଗର ଲୋକମାନେ ବସବାସ କରୁଥିବାରୁ ୱାର୍ଡଟିକୁ ପଛୁଆ ବର୍ଗ ମହିଳା ପରିବର୍ତ୍ତେ ଅନୁସୂଚିତ ଜାତି କିମ୍ବା ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ କରାଯିବାକୁ ୱାର୍ଡର ଅଧିବାସୀଙ୍କ ପକ୍ଷରୁ ମହେଶ୍ୱର ମଲିକ, ଦୀପକ ମଲିକ, ଦିଲ୍ଲିପ ମଲିକ, ଶରତ ଚନ୍ଦ୍ର ମଲିକ, ସୁବାଷ ଚନ୍ଦ୍ର ମଲିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ସେହି ଅଭିଯୋଗର ନକଲ ପଟ୍ଟାମୁଣ୍ଡାଇ ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଏବଂ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରିଥିବା ସୂଚନା ଦେଇଛନ୍ତି। ଯଦି ସେମାନଙ୍କ ଆପତ୍ତିକୁ ବିଚାର କରାଯାଇ ପରିବର୍ତ୍ତନ କରା ନ ଯାଏ ତେବେ ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବରିଷ୍ଠ ନାଗରିକଙ୍କୁ ସାଇବର୍ ଠକେଇ ଉପରେ ସଚେତନତା

ଭୁବନେଶ୍ୱର (ପିଏନ୍)-ଚନ୍ଦ୍ରଶେଖରପୁର ହାଉସିଂବୋର୍ଡ କଲୋନୀ ସ୍ଥିତ ବରିଷ୍ଠ ନାଗରିକ ସଙ୍ଘ ଗୃହଠାରେ ସାଇବର ଠକେଇ ସଚେତନତା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ବିଜେଡି ଭୁବନେଶ୍ୱର ଜିଲା ସମ୍ପାଦକ ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରଦୀପ କୁମାର ରାଉତ ଯୋଗଦେଇ କହିଥଲେ ମୋବାଇଲ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପଡିବ। କୌଣସି ଗୁପ୍ତ ନମ୍ବର କାହାକୁ ଦେବେ ନାହିଁ,ଅଯଥା କଲ୍ ଉଠାଇବେ ନାହିଁ, ଏଟିଏମରୁ ଟଙ୍କା ଏଠାଣ ସମୟରେ କାହା ସମ୍ମୁଖରେ ଗୁପ୍ତ ନମ୍ବର ବ୍ୟବହାର କରିବେ ନାହିଁ। ସେହିପରି ବିଭିନ୍ନ ସାଇବର ଠକେଇର ଉଦାହରଣ ଦେବା ସହିତ ସତର୍କ ରହିବା ପାଇଁ ପରାମର୍ଶ ଦେଇଥଲେ। ସଙ୍ଘର ସଭାପତି ହାଡିବନ୍ଧୁ ଦାସ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ରବିନ୍ଦ୍ର ନାଥ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲୋନୀର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ସାଲିସବିହୀନ ସଂସ୍କୃତି ଐତିହ୍ୟ ନିର୍ଭୀକ ସାମ୍ବାଦିକ-ପ୍ରଦ୍ୟୁମ୍ନ ଶତପଥୀ

ଭୁବନେଶ୍ୱର (ପିଏନ୍): ବୌଦ୍ଧିକ ସମାବେଶ ଓ ମୁକ୍ତାକାଶ ପାଠାଗାର ପରିସରରେ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ୬୩ତମ ଜନ୍ମଦିନ ପାଳନ କରାଯାଇଛି। ବୌଦ୍ଧିକ ସମାବେଶର ସଭ୍ୟାମାନଙ୍କ ଦ୍ୱାରା ରାଜା ଛକ ପରିସରରେ ବନ୍ଦନା ଗାନ କରାଯାଇ ତାଙ୍କର ଦୀର୍ଘାୟୁ କାମନା କରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶ୍ରୀ ଶତପଥୀ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ଶ୍ରୀ ଶତପଥୀ କହିଥିଲେ ରାଜଧାନୀ ସମାବେଶର ସମସ୍ତ ସଦସ୍ୟମାନଙ୍କ ଜନ୍ମଦିନ ପାଳନ କରାଯିବ। ତା'



ସହିତ ସେହିଠାରେ କୌଣସି ଜଣେ ମହାପୁରୁଷଙ୍କ ଓଡ଼ିଆ ଜାତି ପ୍ରତି ଥିବା ଅବଦାନକୁ ସ୍ମୃତି ଚାରଣ କରାଯିବା। ବୌଦ୍ଧିକ ସମାବେଶ ତରଫରୁ ବସ୍ତିରେ ବାସ କରୁଥିବା ଗରିବ ଲୋକଙ୍କ ପିଲାମାନଙ୍କୁ ରାତ୍ରିରେ ପାଠ ପଢାଯିବାର ବନ୍ଦୋବସ୍ତ କରାଯାଉଅଛି। ରାତ୍ରିରେ ଖୋଲା ଆକାଶ ତଳେ ଶୀତରେ ଶୋଉଥିବା ସମସ୍ତଙ୍କୁ କମ୍ବଳ ବଂଟାଯିବ ବୋଲି କହିଥିଲେ ଏବଂ ଏହାସହିତ ଗରିବ ବସ୍ତିର ଲୋକମାନଙ୍କୁ କମ୍ବଳ ବଂଟନ କରାଯିବ। ସେ ସମସ୍ତ ସଦସ୍ୟଙ୍କୁ ଏକ ଆହ୍ୱାନ ଦେଇଥିଲେ ଯେ ସମସ୍ତେ ମିଶିକରି ସମାବେଶକୁ ଆଗକୁ ଆଗେଇ ନେବାପାଇଁ ବାର୍ତା ଦେଇଥିଲେ। ଏହି ଜନ୍ମଦିନ ଉତ୍ସବରେ ସଭାପତି କମଳଲୋଚନ ବିଶ୍ୱାଳ, ଉପସଭାପତି ସୌଭାଗ୍ୟରଂଜନ ମହାନ୍ତି, ସାଧାରଣ ସମ୍ବାଦକ ଲିଙ୍ଗରାଜ କାଟା, ସମ୍ପାଦକ ରାହୁଲ କୁମାର, ସଂଯୋଜକ ବିମଳ ପ୍ରଧାନ, କୋଷାଧକ୍ଷ ଶରତ ରାଉତ ଓ ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରୁ ପିୟୁସ କୁମାର ସ୍ୱାଇଁ, ଆଡଭୋକେଟ ଋତୁରାଜ ପଟ୍ଟନାୟକ, ସଂଜୀବ କୁମାର ପଣ୍ଡା, ପ୍ରଶାନ୍ତ କୁମାର ପରିଡା, ଜଗନ୍ନାଥ ବିଶ୍ୱାଳ, ମାନସ ଦାସ, ସୁନୀଲ କୁମାର ନାୟକ, ସୁବ୍ରତ କୁମାର, ପ୍ରଦୀପ୍ତ କୁମାର ସ୍ୱାଇଁ, ଅମୂଲ୍ୟ କୁମାର ପରିଡା ଏବଂ ଜିତେନ୍ଦ୍ର କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ସେବାଦଳ ସଦ୍‌ଭାବନା ସମାବେଶର ଜିଲ୍ଲା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର (ପିଏନ୍)-ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ଆଗାମୀ ଡିସେମ୍ବର ୨୬ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସଦ୍‌ଭାବନା ସମାବେଶର ସୁପରିଚାଳନା ପାଇଁ ୧୦ ଜଣ ରାଜ୍ୟସ୍ତରୀୟ କର୍ମକର୍ତାଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ପର୍ଯ୍ୟବେକ୍ଷକମାନେ ଜିଲ୍ଲା କଂଗ୍ରେସ ସଭାପତି ଓ ଜିଲ୍ଲା ସେବାଦଳର କର୍ମକର୍ତାଙ୍କ ସହ ଯୋଗାଯୋଗ କରି ସଦ୍‌ଭାବନା ସମାବେଶର ସଫଳତା ପାଇଁ କାର୍ଯ୍ୟ କରିବେ ବୋଲି ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ନିରଦବରଣ ଖୁଂଟିଆ- କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର- ସୁବାଷ ଚନ୍ଦ୍ର ପରିଡ଼ା, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ-ଅଶୋକ ସିଂହ କଟକ, କଟକ ନଗର, ଜଗତସିଂହପୁର, ଦିଲ୍ଲିପ କୁମାର ପଣ୍ଡା - ସମ୍ବଲପୁର, ବରଗଡ଼, କଳାହାଣ୍ଡି,ବଲାଙ୍ଗିର, ସୁବର୍ଣ୍ଣପୁର, ସେକ ଚାନ୍ଦ ଉସୁମାନି - ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ମହମ୍ମଦ ଶାହାଦୁଲ୍ଲା- ଖୋର୍ଦ୍ଧା, ପୁରୀ, ଭୁବନେଶ୍ୱର, ମନୋଜ ସାହୁ - ନୟାଗଡ଼, କନ୍ଧମାଳ, ବୌଦ୍ଧ, ମୁନୁ ସରାଫଙ୍କୁ ରାଉରକେଲା, ସୁନ୍ଦରଗଡ଼, ଝାରସୁଗୁଡ଼ା, ପ୍ରଦୀପ କୁମାର ଦାସ, ଢ଼େଙ୍କାନାଳ, ଅନୁଗୁଳ, କୁଳମଣି ସାହୁଙ୍କୁ, ତ୍ରିଶୁଳିଆ ଶିବିରର ସମସ୍ତ ପ୍ରଶିକ୍ଷଣ କର୍ମକର୍ତା ଓ ସୁଶାନ୍ତ କୁମାର ମହାରଣାଙ୍କୁ ନୂଆପଡ଼ା, ଦେବଗଡ଼, ଗାମ ଓ ଗଜପତି ଜିଲ୍ଲା ଦାୟିତ୍ୱ ଦିଆଯାଇଛି।

## ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘଙ୍କୁ ଆଲୋଚନାକୁ ଡାକି ଅନୁପସ୍ଥିତ ରହିଲେ ପ୍ରଭାଗୀୟ ଶ୍ରମ ସଂସ୍ଥାପକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘକୁ ୧୫ଦଫା ଦାବି ସମ୍ପର୍କରେ ଆଲୋଚନା କରିବାକୁ ଡାକି କାର୍ଯ୍ୟାଳୟରେ କେନ୍ଦ୍ରାପଡା ପ୍ରଭାଗୀୟ ଶ୍ରମ ସଂସ୍ଥାପକ ମହେଶ୍ୱର ନାୟକ ଅନୁପସ୍ଥିତ ରହିଥିଲେ ବୋଲି ସଙ୍ଘ ଅଭିଯୋଗ କରିଛି। ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୧୫ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳ ଓ ପ୍ରଭାଗୀୟ ଶ୍ରମ ସଂସ୍ଥାପକଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିଲେବି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସଙ୍ଘର ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଏକ ସାମ୍ବାଦିକ ସମ୍ମିଳନୀ ଆହୁତ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଘ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାରୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘର ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କୁ ଏକ ପତ୍ର ଲେଖି ଦାବି ସମ୍ପର୍କରେ ଆଲୋଚନା କରିବାକୁ ଡାକିଥିଲେ। ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀଙ୍କ ସମେତ ସଭାପତି କାମିନି ମିଶ୍ର, ନିତ୍ୟାନନ୍ଦ ସାମଲ, ଅକ୍ଷୟ କୁମାର ଲେଙ୍କା, ମନୋଜ କୁମାର ପରଡା, ପ୍ରଦୀପ୍ତ ସାମଲ, ସ୍ୱରୂପ କେତନ ଧଳ ପ୍ରମୁଖ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପହଞ୍ଚି ଆଲୋଚନାବୈଠକରେ ଯୋଗଦେବାକୁ ଅପେକ୍ଷା କରିଥିଲେ। କିନ୍ତୁ ପ୍ରଭାଗୀୟ ଶ୍ରମ ସଂସ୍ଥାପକ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ନାୟକ କାର୍ଯ୍ୟାଳୟରେ ନପହଞ୍ଚିବାରୁ ବାଧ୍ୟହୋଇ ସଙ୍ଘର କର୍ମକର୍ତ୍ତାମାନେ ଫେରିଯାଇଥିଲେ। ତେଣୁ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଥିଲା ବୋଲି ସଙ୍ଘ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀ ତ୍ରିପାଠୀ କହିଛନ୍ତି।




# ସାରସ୍ୱତ ସମାଜର ୧୦ମ ସ୍ୱନକ୍ଷତ୍ର ସମାରୋହ





ଭୁବନେଶ୍ୱର- ସାରସ୍ୱତ ସମାଜର ୧୦ମ ସ୍ୱନକ୍ଷତ୍ରସମାରୋହ ସ୍ଥାନୀୟ ୟୁନିଟ୍-୩ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟ ବଂଚିଲେ ଭାଷା ବଂଚିବ । ମାତୃଭାଷା ପାଇଁ ଆମକୁ ସାହିତ୍ୟକୁ ବଂଚାଇବାକୁ ପଡିବ । ସାହିତ୍ୟ ବିନା ଜାତିର ଅସ୍ତିତ୍ୱ ନାହିଁ । ଯେଉଁ ଜାତିର ସାହିତ୍ୟ ଯେତେ ସମୃଦ୍ଧ, ସେ ଜାତି ସେତେ ଉନ୍ନତ । ସେ ଆହୁରି କହିଥିଲେ ଯେ, ସାହିତ୍ୟ ଓ ସମାଜସେବା ଓତପ୍ରେତ ଭାବେ ଜଡିତ । ବିନା ସମାଜସେବାରେ ସାହିତ୍ୟ ନାହିଁ କି ବିନା ସାହିତ୍ୟରେ ସମାଜସେବା କରିହେବ ନାହିଁ । ଏବେ ଓଡିଆ ଭାଷା ଏକ ସଂକଟ ଦେଇ ଗତି କରୁଛି । ପାଠକଙ୍କ ସଂଖ୍ୟା କମି କମି ଯାଉଛି । ତେଣୁ ପାଠକଙ୍କ ରଚି ଅନୁଯାୟୀ ସାହିତ୍ୟ ରଚନା ହୋଇପାରିଲେ ଏହି ସଂକଟ ଦୂର ହୋଇପାରିବ ବୋଲି ସେ କହିଥିଲେ ଓ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ 'ଶ୍ରେଷ୍ଠ ସେବା ନିର୍ମାଲ୍ୟ'ସମ୍ମାନରେ ସମ୍ମାନୀତ କରାଯାଇଥିଲା । ସେହିପରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ସୋପାନରେ କବିତା ପାଠ ଓ ସାହିତ୍ୟ ଆଲୋଚନା କରାଯାଇଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ତଥା ବିଜ୍ଞାନ ସମାଜସେବା ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ ଚନ୍ଦ୍ର ନାୟକ ଏହି ଆଲୋଚନାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

# ଲଘୁଚାପ : ପାଚିଥିବା ଧାନ କାଟି ଆଣିବାକୁ ଚାଷୀଙ୍କୁ ପରାମର୍ଶ

ଭୁବନେଶ୍ୱର, (ପି.ଏନ):ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଅଧିକ ଘନୀଭୂତ ହୋଇ ବଙ୍ଗୋପସାଗରରେ ବାତ୍ୟାର ରୂପ ନେଇପାରେ। ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ଧାନ ଅମଳ ସମୟ ଥିବାରୁ ସମ୍ଭାବ୍ୟ ଲଘୁଚାପ ବର୍ଷା ପାଇଁ ଚାଷୀଙ୍କୁ ସତର୍କ କରିଛି ଓୟୁଏଟି। ଓୟୁଏଟି ପକ୍ଷରୁ କୁହାଯାଇଛି ଯେ ବର୍ଷା ପୂର୍ବରୁ ୮୫% ପାଚି ଯାଇଥିବା ଧାନ କାଟି ଆଣନ୍ତୁ। କଟା ଯାଇଥିବା ଧାନକୁ ତୁରନ୍ତ ସୁରକ୍ଷିତ ସ୍ଥାନରେ ରଖନ୍ତୁ। କଟା ଧାନକୁ ପଲିଥିନ ଘୋଡ଼ାଇ ରଖନ୍ତୁ। ଧାନ ଜମିରୁ ବଳକା ପାଣି ନିଷ୍କାସନ ପାଇଁ ନାଳି କରନ୍ତୁ। ଧାନ ଗଛ ପଡ଼ିଯାଇଥିଲେ ବର୍ଷା ପରେ ହଳା କରି ଠିଆ କରନ୍ତୁ। ବର୍ଷା ଛାଡ଼ି ଖରା ହେଲେ କେଣ୍ଡାକଟା ପୋକ ଲାଗିବା ସମ୍ଭାବନା ରହିଛି। ସବୁ ରବି ଫସଲ ବୁଣିବା ବା ଲଗାଇବା ସାମୟିକ ସ୍ଥଗିତ ରଖିବାକୁ ଓୟୁଏଟି ପରାମର୍ଶ ଦେଇଛି ।ଅପରପକ୍ଷରେ ଲଘୁଚାପ ଓ ସମ୍ଭାବ୍ୟ ବର୍ଷାକୁ ନେଇ ସତର୍କ ରହିବାକୁ ସବୁ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସଆରସି)। ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ବିଶେଷକରି ଦକ୍ଷିଣ ଉପକୂଳ ସହ ୬ଟି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ସେହି ଜିଲ୍ଲା ଗୁଡ଼ିକ ହେଲା- ଜଗତସିଂହପୁର, କେନ୍ଦ୍ରାପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା। ବିଶେଷ କରି ଗଂଜାମ , ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀଙ୍କୁ ୨ ତାରିଖ ପୂର୍ବରୁ ସମୁଦ୍ରରୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

005/2021 27/11/2021

**OFFICE OF THE SECRETARY**
**MADANI WELFARE ASSOCIATION**
**AT/PO-PIPILI, PURI**

Sealed quotations are invited from Contractors/Sub Contractors/Individual having PAN Card & Valid documents for Medical Equipment, Medical Supplies, Food Packet Kit for the year 2021-22 in Gujrat, U.P. and Karnataka. The details are available in the office. The quotations are to be submitted before 3rd December 2021 in the office at plot no 1928, binorinagar, Jharapada, Bhubaneswar-751006

Sd/-
Secretary
Madani welfare association

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖିବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତ୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ୍ୟ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ପିପିଲି ଗଣଦୁଷ୍କର୍ମ ଘଟଣା : ମୁଖା ଖୋଲିଯିବା ଭୟରେ ତଦନ୍ତ ରିପୋର୍ଟକୁ ଚାପିଛନ୍ତି : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ୨୦୧୧ର ବହୁ ଚର୍ଚ୍ଚିତ ପିପିଲି ବେବିନା ଗଣଦୁଷ୍କର୍ମ ଘଟଣାକୁ ୧୦ ବର୍ଷ ବିତିଯାଇଥିଲେ ବି ନା ଅପରାଧିମାନେ ଦଣ୍ଡ ପାଇଛନ୍ତି ନା ସରକାର ବସାଇଥିବା ତଦନ୍ତ କମିଶନ ରିପୋର୍ଟ ବିଧାନ ସଭାରେ ଆଗତ ହୋଇଛି। ତେଣୁ ଆସନ୍ତା ବିଧାନସଭାରେ ତଦନ୍ତ କମିଶନ ରିପୋର୍ଟ ଉପସ୍ଥାପିତ କରିବା ସହିତ ପିପିଲି ପୀଡ଼ିତାର ବିଚାର କେତେବାଟରେ ପହଂଚିଛି ସରକାର ଉତର ରଖିବା ପାଇଁ କଂଗ୍ରେସ ଦାବି କରିଛି। ମୁଖପାତ୍ର ନିଶିକାନ୍ତ ମିଶ୍ର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨୦୧୬ ମାର୍ଚ୍ଚ ୩୦ ତାରିଖ ଦିନ ଘଟଣାର ତଦନ୍ତ କରୁଥିବା ଜଷ୍ଟିସ ପିକେ ମହାନ୍ତି ତଦନ୍ତ କମିଶନ ଚୂଡ଼ାନ୍ତ ରିପୋର୍ଟ ଗୃହ ବିଭାଗ ନିକଟରେ ଦାଖଲ କରିଥିଲେ। ଇତି ମଧ୍ୟରେ ରିପୋର୍ଟ ଦାଖଲ ହେବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ମୁଖା ଖୋଲିଯିବା ଭୟରେ ତଦନ୍ତ ରିପୋର୍ଟକୁ ବିଧାନସଭାରେ ଆଗତ କରୁନାହାନ୍ତି । ଘଟଣା ଘଟିବାର ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ପିଡ଼ିତା ପରିବାର ନ୍ୟାୟ ପାଇବାରୁ ବଂଚିତ ଏବଂ ଯେଉଁ ଉଦ୍ଦେଶ୍ୟ ନେଇ ତଦନ୍ତ କମିଶନ ଗଠନ ହୋଇଥିଲା ବିଶେଷ କରି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଲା , ଏଥିପାଇଁ ଉତରଦାୟୀ କିଏ ଏବଂ ପୋଲିସ ତାର ସଠିକ କାର୍ଯ୍ୟ ସଂପାଦନ କରିଛି ନା ନାହିଁ। କମିଶନ ଏହି ୩ ଗୋଟି ପ୍ରସଙ୍ଗକୁ ପାଖାପାଖି ୪ବର୍ଷ ସମୟ ନେଇଥିଲେ ଏଥିରେ ୫୦ ଉର୍ଦ୍ଧ୍ୱ ସତ୍ୟପାଠ, ପାଖାପାଖି ୫୦ ଜଣଙ୍କୁ ଜେରା ଏବଂ ୧୦୦ ରୁ ଉର୍ଦ୍ଧ୍ୱ ବୈଠକ ପରେ ୩୦ ମାର୍ଚ୍ଚ ୨୦୧୬ରେ ପାଖାପାଖି ୪୦୦ ଶହ ପୃଷ୍ଠାର ଏକ ରିପୋର୍ଟ ଗୃହ ସଚିବଙ୍କୁ ପ୍ରଦାନ କରିଥିଲେ। ଇତିମଧ୍ୟରେ କମିଶନ ତାଙ୍କ ରିପୋର୍ଟ ଦେବାର ୬ ବର୍ଷ ବିତିଯାଇଥିଲେ ମଧ୍ୟ ରିପୋର୍ଟକୁ ସାର୍ବଜନୀନ ନକରି ମମିତା ଘଟଣାରେ ମହିଳାମାନଙ୍କୁ ନ୍ୟାୟ ଦେବାର ବାରମ୍ବାର ସଫେଇ ଧର୍ମକୁ ଆଖି ମିଟିକା ଛଡ଼ା ଆଉକିଛି ନୁହେଁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଞ୍ଜନ ଦାଶ, ପ୍ରଶାନ୍ତ ଶତପଥି, ଜ୍ଞାନଦେବ ବେଉରା ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଅଧିବେଶନ : ମାନବବାଦ ଜୟଗାନ ହିଁ ଗଳ୍ପର ମୂଳକଥା

ଭୁବନେଶ୍ୱର, (ପି.ଏନ): ସମଗ୍ର ବିଶ୍ୱ ସାହିତ୍ୟରେ ଯୁଦ୍ଧ ଓ ପ୍ରେମର ଦୁଇଟି ଧାରା ପ୍ରବାହିତ ହେଉଛି । ନାଟକୀୟତା ସହ ଉତ୍କଣ୍ଠା ଗଳ୍ପର ବିଶେଷ ଉପାଦାନ ହୋଇଥିବାବେଳେ ମାନବବାଦର ଜୟଗାନ ହିଁ ଗଳ୍ପର ମୂଳକଥା ବୋଲି ବିଶିଷ୍ଟ କଥାକାର ରବି ସ୍ୱାଇଁ ମତବ୍ୟକ୍ତ କରିଛନ୍ତି । ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଏକ ସାରସ୍ୱତ ସମାବେଶରେ ଅତିଥିମାନେ ଶବ୍ଦକୁ ଏକତ୍ର କରି ଭାବର ବିସ୍ତାରରେ କଥାଶିଳ୍ପୀ ଧ୍ୟାନ ଦେଇଥାଏ ବୋଲି ଉଲ୍ଲେଖ କରିଛନ୍ତି । କାର୍ଯ୍ୟକ୍ରମରେ ସୀତେଶ ତ୍ରିପାଠୀଙ୍କ ଗଳ୍ପପୁସ୍ତକ 'ଲୋହିତ ପୃଥିବୀ' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ କଥାକାର ସତ୍ୟ ମିଶ୍ର, ପରେଶ ପଟ୍ଟନାୟକ ଯୋଗଦେଇ ସମକାଳୀନ ଗଳ୍ପର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଗାଳ୍ପିକ ଶ୍ରୀ ତ୍ରିପାଠୀ ମଧ୍ୟ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ । ସୁବ୍ରତ ସେନାପତି 'ଏ ମାସର କବି' ଭାବରେ ଯୋଗଦେଇ ସ୍ୱରଚିତ୍ର ଲେଖା ପାଠ କରିଥିଲେ । ବିଜନବାଳା ପାଇଯୋଶୀ ଓ ମୌସୁମୀ ଦାସଙ୍କ ମିଳିତ ସଂଯୋଜନାରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଆଭାସ ବରାଳ, କୃଷ୍ଣଚନ୍ଦ୍ର ବଡ଼ପଣ୍ଡା, ଇତିଶ୍ରୀ ପତି, ଶକ୍ତିପ୍ରଭା ମିଶ୍ର, ବିରଂଚି ଶତପଥୀ, କ୍ଷୀରୋଦ ପରିଡ଼ା, ଡ. ଅଭୟ ନାରାୟଣ ନାୟକ, ମିହିରକାନ୍ତି ଦାସ, ଶୈଳେନ୍ଦ୍ର ଜେନା, ସୁଶାନ୍ତ କିଶୋର ବଳ, ଅନ୍ନପୂର୍ଣ୍ଣା ଭଞ୍ଜ, ଦୁର୍ଗାଚରଣ ଷଡଙ୍ଗୀ, ଦେବାଶିଷ ମହାପାତ୍ର ପ୍ରମୁଖ ଆଲୋଚନା ତଥା କବିତାପାଠରେ ଅଂଶଗ୍ରହଣ କରିଥିଲେ।

# ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡ଼ି

ଭୁବନେଶ୍ୱର,(ପିଏନ)–ସେରୋ ସର୍ଭେରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ, ୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି। ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ । ୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି। ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ୍ୟ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

## ଶିଶିର କେ ଶତଦଲ ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ

ଭୁବନେଶ୍ୱର,(ପି.ଏନ):ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଅନିମା ଦାସଙ୍କ ଲିଖିତ ହିନ୍ଦୀ ସନେଟ୍ ପୁସ୍ତକ 'ଶିଶିର କା ଶତଦଲ' ଲୋକାର୍ପିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଲାଲ କବି ଶ୍ରୀମତୀ ଦାସଙ୍କୁ ଶୁଭକାମନା ଜ୍ଞାପନ କରିବା ସହିତ ତାଙ୍କର ସାରସ୍ୱତ ଯାତ୍ରାର ସଫଳତା କାମନା କରିଛନ୍ତି। ୧୯୭୩ ମସିହାରେ ଜନ୍ମିତ ଅନିମା ଏବେ କଟକର ନ୍ୟୁ ଷ୍ଟୁଆର୍ଟ ଇଂଲିଶ ମିଡିୟମ୍ ସ୍କୁଲରେ ଶିକ୍ଷକତା କରୁଛନ୍ତି । ପୂର୍ବରୁ ତାଙ୍କ ଦ୍ୱାରା ୫୯ଟି ଓଡ଼ିଆ ସନେଟ୍‌ର ହିନ୍ଦୀ ଅନୁବାଦ ପୁସ୍ତକ 'ପ୍ରତୀଚି ସେ ପ୍ରାଚୀ ପର୍ଯ୍ୟନ୍ତ' ପ୍ରକାଶିତ ହୋଇଛି।




# 2021-2022



# ADMISSION OPEN

## Maharishi Public School, Baripada

# STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

# ୪ ଅଭିଯୁକ୍ତ ଗିରଫ,୬ ଫେରାର,୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତ୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବୋଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜୀର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୁଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଳନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK ପर्यवेक्षक



Bhubaneswar Wednesday December 01, 2021 ଭୁବନେଶ୍ବର ବୁଧବାର, ଡିସେମ୍ବର ୦୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଗ୍ରାମ-ପୋଖରୀ ପୁନରଉଧାରପାଇଁ ଦାବୀ



ଚଣ୍ଡିଖୋଲ, (ପିଏନ ): ବଡ଼ଚଣା ବ୍ଲକ ଭୂଷଣ୍ଡପୁର ପଂଚାୟତର ଖଣ୍ଡିଆବନ୍ଧରେ ଥିବା ଇଟା ପୋଖରୀକୁ ପୁନରଉଧାର ପାଇଁ ଏବେ ଗ୍ରାମବାସୀଙ୍କ ପକ୍ଷରୁ ଦାବିହେଉଛି ।ଏହି ଗ୍ରାମରେ ଶତାଧିକ ଆଦିବାସୀ ପରିବାର ନିର୍ଭର କରିଥାନ୍ତି । ଜଳର ଆବଶ୍ୟକତାକୁ ମନେକରି ରାଜ୍ୟସରକାର ବିଭିନ୍ନ ସ୍ଥାନରେ ଲକ୍ଷଲକ୍ଷ ଟଙ୍କାରେ ପୋଖରୀ ଖୋଳୁଛନ୍ତି । ଅଧିକନ୍ତୁ ଉକ୍ତ ପୋଖରୀଟି ଦିର୍ଘଦିନରୁ ଅପନ୍ତରା ହେଇପଡି ରହିଅଛି । ପ୍ରସିଦ୍ଧ ଶୈବପୀଠ ମହାବିନାୟକର ପାଦଦେଶରେ ଏହି ପୋଖରୀଟି ଅବସ୍ଥିତ ।ଏହି ପୋଖରୀଟିକୁ ପୁନରୁଦ୍ଧାର କରାଯାଇ ସୌନ୍ଦର୍ଯ୍ୟକରଣ କରାଯାଏ ତାହେଲେ ମହାବିନାୟକ ପୀଠକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଏହାଏକ ଦର୍ଶନୀୟ ସ୍ଥାନ ହେଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି ।ମହାବିନାୟକ ପୀଠରେ ମହାଶିବରାତ୍ରି ଓ ଅନ୍ୟାନ୍ୟ ପର୍ବ ବର୍ଷକର ୧୨ ମାସ ପାଳନ କରାଯାଇଥାଏ । ସେହିପରି ଶୀତଦିନରେ ଏହି ଅଞ୍ଚଳକୁ ଶତାଧିକ ପର୍ଯ୍ୟଟକ ଜିଲ୍ଲା ଓ ଜିଲ୍ଲାବାହାରରୁ ଏଠାକୁ ଆସିଥାନ୍ତି । ପୋଖରୀର ସୌନ୍ଦର୍ଯ୍ୟକରଣ ହେଇପାରିଲେ ପର୍ଯ୍ୟଟକମାନେ ମଧ ଏଠାକୁ ଆସିପାରନ୍ତେ । ବଡ଼ଚଣା - ଦର୍ପଣ ପୂର୍ତ୍ତ ବିଭାଗ ରାସ୍ତାର କଡରେ ଏହି ପୋଖରୀଟି ଥିବାରୁ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ମଧ ଏହି ପୋଖରୀଟି ସହାୟକ ହେଇପାରନ୍ତା । ବ୍ଲକ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବିହେଉଛ ।

# ଚଣ୍ଡିଖୋଲରେ ମାପ ଓଜନରେ ବ୍ୟାପକ ଠକେଇ

ଚଣ୍ଡିଖୋଲ, (ପିଏନ): ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ହେଉଛି ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ । ପ୍ରତିଦିନ ଏହି ଛକରେ ବିଭିନ୍ନ ପ୍ରକାର ଜିନିଷର କିଣାବିକା ହେଇଥାଏ.ନିୟମାନୁସାରେ ପ୍ରତିବର୍ଷ ବ୍ୟବସାୟିମାନେ ଓଜନ କରୁଥିବା ବଟକର ଓ ନିକିତିକୁ ମାପ ଓ ଓଜନ ବିଭାଗରେ ଦେଖାଇ ପ୍ରମାଣପତ୍ର ଆଣିବାର ନିୟମରହିଅଛି ମାତ୍ର ଚଣ୍ଡୀଖୋଲରେ ବ୍ୟବସାୟିମାନେ ଏହି ନିୟମକୁ ଖୁଲମଖୁଲା ଉଲଂଘନ କରୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ପନିପରିବା ,ଫଳ,ଆଳୁ, ପିଆଜ ,ରସୁଣ ,ଅଦା,ମାଛ,ମାଂସ ,ଗ୍ରୋସରୀ ସାମଗ୍ରୀ, ଲୁହଲତା ସାମଗ୍ରୀ,ଛତୁ ଓ ବିଭିନ୍ନ ମିଠା ସାମଗ୍ରୀ କାମ ଓଜନର ବିକରିହେଉଥିବାର ଅଭିଯୋଗ ହେଉଅଛି । ଗ୍ରାହକଟି ୧ କେଜି ଛତୁ ଓ ମାଛ କିଣିଲେ ଘରକୁ ନେଇ ତାକୁ ଓଜନ କରିଲେ ସେଥିରୁ ୧୦୦ ରୁ ୧୫୦ ଗ୍ରାମ କମୁଥିବାନେଇ ସାଧାରଣରେ ଅଭିଯୋଗ ହେଉଅଛି । କେତେକ ଦୋକାନରେ ନିକିତି ବଦଳରେ ଏବେ କମ୍ପୁଟର ଓଜନ କଣ୍ଟାରେ ଓଜନ ହେଉଅଛି । ଏହି କମ୍ପୁଟର ଓଜନକଣ୍ଟାରେ ମଧ ଠକେଇହେଉଥିବା ଦେଖିବାକୁ ମିଳୁଛି । ଗ୍ରାହକମାନଙ୍କୁ ଓଜନରେ ଠକି ବ୍ୟବସାୟିମାନେ ଅଧିକଲାଭବାନ ହେଉଛନ୍ତି । ବର୍ତ୍ତମାନ ପନିପରିବା ଠାରୁଆରମ୍ଭ କରି ଡାଲି,ଚାଉଳ ଓ ବିଭିନ୍ନ ସାମଗ୍ରୀର ଦର ଉଚ୍ଚାରହିଥିବାରୁ ଗ୍ରାହକଙ୍କୁ ଏହି ଠକାମୀ ବେଶ ବାଧୁଛି । ବହୁଦୂରାନ୍ତରୁ ପ୍ରତିଦିନ ଶତାଧିକ ବ୍ୟବାସୀୟମାନେ ଏଠାକୁ ଆସି ବେପାର କରିଥାନ୍ତି ।ସେମାନଙ୍କ ମଧ୍ୟରୁ କିଛି ବେପାରୀ ଏହି ଠକେଇରେ ସାମିଲ ରହିବା ଫଳରେ ଗ୍ରାହକଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗୁଛ । ସେହିପରି ନିକଟସ୍ଥ ରଡ଼ ବିକ୍ରୀକରୁଥିବା ବେପାରୀମାନେ ମଧ ୧କୁଇଣ୍ଟାଲରେ ୧୦ କେଜି କମରହିଥିବା ନେଇ ଅଭିଯୋଗ ହେଉଛି । ପେଟ୍ରୋଲ ପମ୍ପରେ ମଧ ଏହିପରି ଭାବେ ଠକୁଥିବାନେଇ ଅଭିଯୋଗ ହେଉଅଛି ।କେଉଁ ପେଟ୍ରୋଲ ପମ୍ପର ତେଲରେ ଗାଡି ୫୦ କିମି ଯାଉଥିବା ବେଳେ ଆଉ କେଉଁ ପମ୍ପରୁ ତେଲ ପକାଇଲେ ଗାଡି ୪୦ କିମି ଯାଉଥିବା ନେଇ ଅଭିଯୋଗହେଉଅଛି ।ଏସବୁ ମାପ ଓ ଓଜନର ଠକାମିରେ ବିଚରା ଗ୍ରାହକଟି ଉଚିତ ପଇସା ଦେଇ ସଠିକ ଜିନିଷ ନପାଇବାରୁ ତା ମନଭିତରେ ଅସନ୍ତୋଷ ବୃଦ୍ଧିପାଉଛି । ପେଟ୍ରୋଲ ପମ୍ପକୁ ତଦାରଖ କରିବାପାଇଁ ଉପାଜିଲ୍ଲପାଳଙ୍କ କ୍ଷମତା ରହିଥଲେ ମଧ ଥରୁଟିଏ ସେ ତଦାରଖକରିବାକୁ ଆସୁନଥିବା ଜଣାଯାଇଛି । ସେହିପରି ମାପ ଓଜନର ବିଭାଗର ଅଧିକାରୀମାନେ ଚଣ୍ଡିଖୋଲକୁ କେବେବି ଆସୁନଥିବା ଦେଖାଯାଇଛି ।ଏଥିପ୍ରତି ଯାଜପୁର ଜିଲ୍ଲାପାଳ ଦୃଷ୍ଟିଦେବାକୁ ସାଧାରଣରେ ଦାବୀ ହେଉଅଛି ।

## ମହିଳା କଂଗ୍ରେସ ତରଫରୁ ଆଇନ୍ ସଚେତନତା

ଘଟଗାଁ: ଚ(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ବସନ୍ତପୁର ଗ୍ରାମ ପଂଚାୟତରେ ଏକାଧିକ ମହିଳାଙ୍କୁ ନେଇ ମହିଳା କଂଗ୍ରେସ ନେତ୍ରୀ ଆଇନଜୀବୀ ସୁଶ୍ରୀ ସଙ୍ଗୀତା ସିଂହଙ୍କ ସଭାପତିତ୍ୱରେ ଏକ ଆଇନ୍‌ଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଉଥିବା ନୂତନ ଆଇନ୍ ମାନ କେବଳ କଥାରେ ହିଁ କାର୍ଯ୍ୟକାରୀ ବାସ୍ତବରେ ତାହା କାର୍ଯ୍ୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଲଗା ହେଉଥିବା ଯୋଗୁଁ ଆଜି ମହିଳା ସମାଜ ସମ୍ପୂର୍ଣ୍ଣ ମାତ୍ରାରେ ଅସୁରକ୍ଷିତ । ଫଳରେ ଏସବୁ ବିଦକୁ ଆଧାର କରି ମୁଖ୍ୟତଃ ମହିଳାଙ୍କ ପାଇଁ ପାରିବାରିକ ହିଂସା ଆଇନ୍, ବାଲ୍ୟ ବିବାହ ଆଇନ୍, ଶ୍ରମ ଆଇନ୍, କର୍ମଜୀବୀ ମହିଳା ମାନଙ୍କ ନିମିତ୍ତ ପ୍ରଣୀତ ଆଇନ୍‌ର ବିଭିନ୍ନ ଦିଗ ବାବଦରେ ସମବେତ ମହିଳାଗଣଙ୍କୁ ସୁଶ୍ରୀ ସିଂହ ବିଷଦ ଭାବେ ବୁଝାଇବା ସହ ଆଗାମୀ ଦିନରେ ମହିଳାଗଣ ପ୍ରତି ସ୍ତରରେ ସଚେତନ ହୋଇ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରିବା ନିମିତ୍ତ ଆହ୍ୱାନ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶାନ୍ତିଲତା ଦଣ୍ଡପାଟ, ମିନତୀ ଦଣ୍ଡପାଟ, ବବି ପାତ୍ର, ଚିନା ଦଣ୍ଡପାଟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସସ୍ମିତା ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ହତ୍ୟା ମାମଲାରେ ଦଣ୍ଡିତ ୨ କଏଦୀ ଅବଧି ପୂର୍ବରୁ ମୁକ୍ତି ପାଇଲେ



କେନ୍ଦୁଝର:(ପି.ଏନ): ରାଜ୍ୟ ଦଣ୍ଡ ସୁରକ୍ଷା ବୋର୍ଡ ର ଅନୁମୋଦନ କ୍ରମେ କେନ୍ଦୁଝର ଜେଲରେ ହତ୍ୟା ମାମଲାରେ ଆଜୀବନ ସଜ୍ଜା ଭୋଗୁଥିବା ୨ ଜଣ କଏଦୀଙ୍କୁ ଉତ୍ତମ ଆଚରଣ ପାଇଁ ଅବଧି ପୂର୍ବରୁ ମଙ୍ଗଳବାର ଦିନ ମୁକ୍ତି ମିଳିଛି । ଚଳିତ ବର୍ଷ ଗୃହ ବିଭାଗର ସୁପାରିଶ ଏବଂ ଆଇନ ବିଭାଗର ଅନୁମୋଦନ ପରେ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିବା ପରେ କେନ୍ଦୁଝର ଜେଲରେ ଆଜୀବନ ସଜ୍ଜା ଭୋଗୁଥିବା ୪ ଜଣ ବନ୍ଦୀଙ୍କୁ ଅବଧି ପୂର୍ବରୁ ମୁକ୍ତି ଦିଆଯାଇଛି । ପୂର୍ବରୁ ଗତ ଜୁଲାଇ ୨୩ ତାରିଖରେ ପଣ୍ଡାପଡା ଥାନା ଅନ୍ତର୍ଗତ ମଣିପୁର ଗ୍ରାମର ଦାମୋଦର ବେହେରା ଏବଂ ବଡବିଲ ଉତ୍ତମ ସିଂ ହାଟିଂ ଅଞ୍ଚଳର ଲିଟୁ ସିର୍କା ମଧ୍ୟ ରାଜ୍ୟ ଦଣ୍ଡ ସୁରକ୍ଷା ବୋର୍ଡ ର ଅନୁମୋଦନ କ୍ରମେ ଅବଧି ପୂର୍ବରୁ କାରାମୁକ୍ତି ହୋଇଥିଲେ । ସେହିପରି ମଙ୍ଗଳବାର ଦିନ ମୁକ୍ତି ପାଇଥିବା କଏଦୀମାନେ ହେଲେ ସଦର ଥାନା ଜଳଡିହି ଗ୍ରାମର ବାସୁ ମୁଣ୍ଡା ଏବଂ ଆନନ୍ଦପୁର ଥାନାର ଡାକ୍ତର ଦିଗାର ବୋଲି ଜଣାପଡିଛି । ୩୦୨ ଦଫାରେ ବାସୁ ମୁଣ୍ଡା ଏକ ହତ୍ୟା ମାମଲାରେ ଦଣ୍ଡିତ ହୋଇ ୧୬/୦୭/୧୯୯୭ରେ ଜେଲରେ ଦଣ୍ଡ ଭୋଗୁଥିବା ବେଳେ ଡାକ୍ତର ଦିଗାର ୩୦/୧୦/୨୦୦୦ରୁ ହତ୍ୟା ମାମଲାରେ ଜେଲରେ ଆଜୀବନ କଏଦୀ ଭାବେ ଦଣ୍ଡ ଭୋଗି ଆସୁଥିଲେ । ବାସୁ ମୁଣ୍ଡା ଦୀର୍ଘ ୨୪ ବର୍ଷ ପରେ ଅବଧି ପୂର୍ବରୁ ମୁକ୍ତି ମିଳିଛି । ଜେଲରେ ଥିବା ସମୟରେ ସେ ଜେଲ ବଗିଚାରେ କାମ କରି ପାରିଶ୍ରମିକ ପାଉଥିଲେ । ସେମାନଙ୍କର କାମ କାର୍ଯ୍ୟକୁ ଦେଖି ମୁକ୍ତି ପାଇଁ ସୁପାରିଶ କରାଯାଇଥିଲା । ସେମାନଙ୍କ ମୁକ୍ତି ସମୟରେ ଜେଲ ଅଧିକ୍ଷକ କୁଅଁର ମାରାଣ୍ଡି ଏବଂ ଜେଲର ଅମୀୟ ବେହେରା ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇ ଅବଶିଷ୍ଟ ଜୀବନ ସୁଖମୟ ହେଉ ବୋଲି କାମନା କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

## କୁଶଳେଶ୍ୱର ସାହିତ୍ୟ ସଂସଦର ରଜତ ଜୟନ୍ତୀ ସମାରୋହ

ଘଷିପୁରା:(ପି.ଏନ):ଘଷିପୁରା ବ୍ଲକ ଦେଓଗାଁ କୁଶଳେଶ୍ୱର ସାହିତ୍ୟ ସଂସଦର ରଜତ ଜୟନ୍ତୀ ସମାରୋହ ସଂସଦର ସଭାପତି ଅନନ୍ତ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମାରୋହରେ ମୁଖ୍ୟଅତିଥି ଭାବେ ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିଜୟ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଝାରସୁଗୁଡା ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଡ଼ଃ. ଜୟନ୍ତୀ ରଥ, ଶିକ୍ଷାବିତ ନାରାୟଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କବି ମଳୟ କୁମାର ସାହୁଙ୍କ ପ୍ରଥମ ପୁସ୍ତକ 'ଅନ୍ତଃସ୍ୱରର ପ୍ରତିଧ୍ୱନି, ନାରାୟଣ ନାୟକଙ୍କ 'ଭାବ ବିଳାସ', ଜନାର୍ଦ୍ଦନ ସେଠୀଙ୍କ 'ଦିବ୍ୟଦୃଷ୍ଟି', ଦଶରଥ ସାହୁଙ୍କ 'ମନବୋଧ ଚଉତିଶା', ଚିନ୍ତାମଣି ଦାସଙ୍କ 'ଜୀବନ ଯମୁନା କୂଳେ' ଓ 'ସ୍ମୃତିର ସାକ୍ଷର', ସଂଯୁକ୍ତା ମହାପାତ୍ରଙ୍କ କବିତା ସଂକଳନ 'ହୃଦୟର ସ୍ୱର',ମମିତାରାଣୀ ଜେନାଙ୍କ କବିତା ସଂକଳନ 'ବିପିନେ ବିରାଜେ ଶାନ୍ତି ସୁଧା'କୁ ବରେଣ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ । ସଂସଦର ମୁଖପତ୍ର ଶିବଶକ୍ତି ଲୋକାର୍ପଣ କରାଯାଇଥିଲା । ଏହି ଅବସରରେ ବିଜୟ ନାୟକଙ୍କୁ କୁଶଳେଶ୍ୱର ସାହିତ୍ୟ ସମ୍ମାନ, ଡ଼ଃ ଜୟନ୍ତୀ ରଥଙ୍କୁ କୁଶଳେଶ୍ୱର ରଜୟ ଜୟନ୍ତୀ ସମ୍ମାନ, ରମାକାନ୍ତ ନାୟକଙ୍କୁ ସୁବାସ ଚନ୍ଦ୍ର ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯିବା ସହ ମଳୟ କୁମାର ସାହୁଙ୍କୁ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂସଦର ସମ୍ପାଦକ ଦିଲ୍ଲୀପ ଭୂୟାଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶିଶୁ ସାହିତ୍ୟିକ ଡ଼ଃ ରାମଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗୁରୁ ରବୀନ୍ଦ୍ର କୁମାର ବଳ ଓ ସାଥୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । କବି ନିରନ ସାହୁ, ଗୋବର୍ଦ୍ଧନ ନାୟକ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଶେଷରେ ବୈଲୋଚନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।


GOVT. OF INDIA
CRAFT BAZAR



Attractive Handicrafts and Handloom items from different States
Direct sale by Artisans
SALE



VENUE : SARADHA BALI
Infront of Sri Gundicha Temple, PURI
From 30th November to 09th December-2021
Daily from 10 A.M to 9 P.M
indian handicrafts हस्तशिल्प continuing tradition
Sponsored by:
Office of the Development Commissioner (Handicrafts)
Ministry of Textiles, Govt. of India, New Delhi
Organized by - Orissa Khadi & Village Industries Association

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray